ହିତଶିକ୍ଷା ।



ଅନନ୍ଦପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର
ପ୍ରଧାନ ଶିକ୍ଷକ
ଶ୍ରୀ ବାଳକୃଷ୍ଣ ମିଶ୍ରଙ୍କ ଦ୍ୱାରା ପ୍ରଣୀତ
ଓ
ପ୍ରକାଶିତ ।

ପ୍ରଥମ ସଂସ୍କରଣ ।

Printed by V. Kar.
UTKAL SAHITYA PRESS.
Cuttack.
1323.

ମୂଲ୍ୟ ୦ ।/

To

J. H. Price, Esqr. M. B. E.


Superintendent, Keonjhar State.

THIS HUMBLE BROCHURE

"Hita-Shikshya"

is inscribed as a token of heart-felt
esteem and deepest regard for
his natural affection
towards the people
of the
Keonjhar State.
by his most devoted
servant and loyal subject.

BALKRISHNA MISRA,
Head Master.
Anandapur M. E. School.
13—4—1922.



ମୁଖବନ୍ଧ ।

ପଠନାବସ୍ଥାରେ ସମୟ ସମୟରେ ମୁଁ " Æsop's Fables " ନାମକ ଇଂରାଜୀ ଗ୍ରନ୍ଥ ଅଧ୍ୟୟନ କରୁଥିଲି, କିନ୍ତୁ ବାଲ୍ୟ କୌତୂହଳ ହେତୁ ପଠିତ ବିଷୟମାନଙ୍କର ଦୃଢ଼ ଧାରଣା ନିମନ୍ତେ ଅତି ସରଳ ଭାଷାରେ ସେଥି ମଧ୍ୟରୁ କେତୋଟି ବିଷୟ ପଦ୍ୟରେ ଅନୁବାଦ କରିଥିଲି । ଆଜି ସେହି ପଦ୍ୟମାନଙ୍କ ମଧ୍ୟରୁ କେତେଗୁଡ଼ିଏ ଏକତ୍ର କରି ପୁସ୍ତକାକାରରେ ସୁକୁମାରମତି ବାଳକବାଳିକାମାନଙ୍କଠାରେ ସମର୍ପଣ କଲି ।

ଏ ପଦ୍ୟଗୁଡ଼ିକରେ କାବ୍ୟଗୁରୁତ୍ୱ କିମ୍ବା ଭାଷାଡ଼ମ୍ବରାଦି କୌଣସି ଗମ୍ଭୀର ଭାବାତ୍ମକ ବିଷୟ ମିଳିବାର ସମ୍ଭବପର ନୁହେ । ଏଥିସ୍ଥିତ ପ୍ରତ୍ୟେକ ପଦ୍ୟ ସହଜ ଘରୋଇ ଭାଷାରେ ଏବଂ ପଶୁ-ପକ୍ଷିମାନଙ୍କର କାଳ୍ପନିକ ଆଚାର ବ୍ୟବହାର ଦୃଷ୍ଟାନ୍ତରେ ଗୋଟିଏ ଗୋଟିଏ ଉପଦେଶ ଦେଉ ଥିବାରୁ, ସୁକୁମାରମତି ଇଂରାଜୀଭାଷାନଭିଜ୍ଞ ଅଳ୍ପବୟସ୍କ ବାଳକବାଳିକାମାନଙ୍କର ଶିକ୍ଷାର ବନ୍ଧୁ ହେବ, ମୋ ପରି ସାଧାରଣ ଲୋକ ପକ୍ଷରେ ଏରୂପ ଆଶା କରିବା ସ୍ୱାଭାବିକ । ତେଣୁ ଏହା ସେମାନଙ୍କର କ୍ରୀଡ଼ାସାମଗ୍ରୀରୂପେ ଗୃହୀତ ହେଲେ, ନିଜର ବାଲ୍ୟୋଦ୍ୟମକୁ ସଫଳ ମନେ କରିବି ।

୵/

ମୋର ପରମ ଶ୍ରଦ୍ଧାସ୍ପଦ ବନ୍ଧୁ, ଆନନ୍ଦପୁର ମି: ଇ: ସ୍କୁଲର ହେ: ପଣ୍ଡିତ ଶ୍ରୀଯୁକ୍ତ କାଶୀନାଥ ଶତପଥୀ ଓ ସେ: ମାଷ୍ଟର ଶ୍ରୀଯୁକ୍ତ ଦୈତାରି ରାୟ ମହୋଦୟଦ୍ୱୟ ଏହାର ପାଣ୍ଡୁଲିପି ଆମୂଳ ପାଠ କରି ସ୍ଥାନେ ସ୍ଥାନେ ଉପଯୁକ୍ତ ପରିବର୍ତ୍ତନାଦି କରିଥିବାରୁ ତାହାଙ୍କଠାରେ କୃତଜ୍ଞ ରହିଲି । ଇତି ।

ଆନନ୍ଦପୁର, ୨୦ । ॥ । ୨୨

ବଶମ୍ବଦ
ଶ୍ରୀ ବାଳକୃଷ୍ଣ ମିଶ୍ର ।



ସୂଚୀ ।



ବିଷୟ	ପୃଷ୍ଠା ।

ବିଷୟ	ପୃଷ୍ଠା ।

ବିଷୟ	ପୃଷ୍ଠା ।



ହିତଶିକ୍ଷା ।

ବାଳକଗଣ ଓ ବେଙ୍ଗ ।



ଗୋଟାଏ ନକଟେ ବାଳକେ
ଖେଳନ୍ତି ମନର ପୁଲକେ ।
ବେଙ୍ଗ ଖେଳନ୍ତି ଜଳେ ଦେଖି,
ଧାଇଁଲେ ସମସ୍ତ ଉପେକ୍ଷି ।
କୌତୁକେ ହାତେ ଢେକା ଧରି,
ଫିଙ୍ଗିଲେ ଅପ୍ରୋଧ ନ କରି ।
ଅନେକ ବେଙ୍ଗ ବଧ କଲେ,
ମନରେ ଦୟା ନ ବହିଲେ ।
ବେଙ୍ଗଙ୍କ ମଧ୍ୟୁଁ ଏକ ଆସି,
କହଇ ପିଲଙ୍କୁ ଆଶ୍ୱାସି ।
"ବାଳକେ ମୋ ବଚନ ଶୁଣ,
ନ ମାର ଡେଣ୍ଡୁଅ (୧) ଯେ ପୁଣ ।

(୧) ଡେଣୁଆ—ଢେକା ଢେଲା ।

କୌତୁକ ତୁମ୍ଭର ସେ ଯାହା,
ଆମ୍ଭର ମୃତ୍ୟୁ ଅଟେ ତାହା ।
ପ୍ରାଣୀଙ୍କୁ ସଦା ଦୟା କର,
ମଙ୍ଗଳ ହୋଇବ ତୁମ୍ଭର ।"



ଶୃଗାଳ ଓ ଚିତାବାଘ ।



ସୁନ୍ଦର ମୂରତ   ଅତୁଳ ଶକତି
ପାଇଅଛୁ ମନେ ଜାଣି,
ବନର ଗହ୍ୱରେ   ଚିତାବାଘ ଥରେ
ଶୃଗାଳେ କହେ ବଖାଣି ।
"ଦେଖ ରେ ମୋ ଅଙ୍ଗେ   କଳା ଧଳା ରଙ୍ଗେ
ହୋଇଅଛି ଚିହ୍ନିତ କେଡ଼େ,
ଏଣୁ ମୁଁ ସୁନ୍ଦର   ଅଟେଁ ଜଗତର
ଜାଣିଛୁ ମୋ ଶକ୍ତି ଯେଡ଼େ ।"
ହସି କହେ ମନେ   ଶୃଗାଳ ଏସନେ,
"ସତ୍ୟ ଅଟେ ତୋର ଗିର (୧)
[illegible] ମୋର   [illegible] ପଦାର୍ଥ, ତୋର
[illegible]

---

(୧) ଗିର—ବାକ୍ୟ

ଯାର ବଳେ ନର   ଶତ ସିନ୍ଧୁ ହସ୍ତ
କରି ପାରେ ଏକକ୍ଷଣେ,
ତୋ ଛର ନିକଟ   ସୁନ୍ଦର ମୂରତି
କିଏ ବା ଜଗତେ ଗଣେ ।"
କଦାକାର ଥିଲେ   ଦୁର୍ବଳ ହୋଇଲେ
ବୁଦ୍ଧିଆ ଲୋକ ସତତ
ଉପସ୍ଥିତମାତରେ   ବୁଦ୍ଧି କୌଶଳରେ
ଜିଣି ପାରଇ ଜଗତ ।



ଛେଳିଛୁଆ ଓ ହେଟାବାଘ ।



ଏକ ଦିବସରେ ଛେଳିଛୁଆ ଏକ
ଉଠି ଛାତେ ମନେ କଲା ଭାରି ଠେକ,
ବିପଦରୁ ମୁକ୍ତ ହୋଇଅଛି ଦେଖି,
ସଦପେ ଚାହିଁଲା ତଳକୁ ନିରେଖି ।
ଏକ ହେଟାବାଘ ଦେଖି ଦୈବବଳେ,
ଡାକିଲା ତାହାକୁ ଗରବ ବହୁଳେ ।
"ଅରେ ହେଟା ! ମୋତେ ଦେଖିଣ ଏଠାଇଁ
ଉଭି ତୁ ପଳାଉ କହ କାହିଁପାଇଁ ?
ବନ୍ଧୁ ଯେବେ ତୁହି ରହିବୁ ଏକ୍ଷଣି,
ଆସି ମୋର ପାଶେ ପଶ ରେ ଶରଣ ।"

ଏହା ଶୁଣି ହେଟା ଉଷ୍ଟ୍ରକୁ ଚାହିଁ
କହିଲା, "ଶୁଣିଲି, ସବୁ କଥା ଭାଇ ।
କାହୁଁ ତୁ ଶିଖିଲୁ ଏ ଅସ୍ଥାବଧାନ ?
ଜାଣେ ଶିଖାଇଛୁ ସ୍ଥାନର ପ୍ରାଧାନ୍ୟ ।
ପ୍ରତିଶୋଧ ନେବ ପଡ଼ିଲେ ସମ୍ମୁଖେ ।"
କହି ସେ ଏମନ୍ତ ଚାଲିଗଲା ସୁଖେ ।
ସ୍ଥାନବିଶେଷରେ ଅବସ୍ଥାବିଶେଷେ,
ନୀଚ ଉଚ୍ଚେ ଭଟେ ଅବମାନୋଦ୍ଦେଶେ ।



ହେଟାବାଘ ଓ ବଗ ।



କ୍ଷୁଧାତୁର ହୋଇ ଏକ ହେଟାବାଘ,
ଖାଉଥିଲା ବେଗେ ମାରି ଏକ ଛାଗ ।
ଖାଉଁ ଖାଉଁ ଅସ୍ଥି ଗଳାରେ ଲାଗିଲା,
ବଗଙ୍କୁ ଏ ଡାକି ବିକଳେ କହିଲା ।
"କାଢ଼ିଦେଲେ ଅସ୍ଥି ଗଳାରୁ ମୋହର,
ପ୍ରତିଜ୍ଞା କରଇ ଦେବି ପୁରସ୍କାର ।"
ହେଟା ପ୍ରଲୋଭନେ ବଗ ଭୁଲିଯାଇ,
କାଢ଼ିଦେଲା ଅସ୍ଥି ଥଣ୍ଟ ପ୍ରବେଶାଇ ।
ତାହୁଁ ହାଡ କାଢ଼ି ପୁରସ୍କାର ଦାବି
କରନ୍ତେ ସେ ବଗ, ହେଟା କହେ ଭାବି,

"ହୋଇଲୁ ଏଡ଼େକ ନବୋଧ ରେ ତୁହି,
ଆଉ ଅଧିକ ବା କିସ ଦେବ ମୁହିଁ ?
ମୋ ପାଟିରୁ ମୁଣ୍ଡ ନେଲୁ ନିରାପଦେ,
ଆଉ ପୁରସ୍କାର ମାଗୁ କେଉଁ ପଥେ ?" (୧)
ଦୁଷ୍ଟଜନଙ୍କର କଲେ ଉପକାର,
ନ ମାଗିବ ତାଙ୍କୁ କେବେହେଁ ପୁରସ୍କାର ।
ସେ ଦୁଷ୍ଟ କବଳୁଁ (୨) ଉଦ୍ଧରିବ ଯେବେ,
ଶତ ପୁରସ୍କାର ମନେ କର ତେବେ ।



ଚେମଣିଆ ଓ ନେଉଳ ।



ଉଡ଼ୁ ଉଡ଼ୁ ଏକ ଚେମଣିଆ ତଳେ
ପଡ଼ି ବ୍ୟସ୍ତ ହେଲା ଜୀବନବିକଳେ,
ନେଉଳ ଦେଖିଲା ଯାଇ ତାର ପାଶ,
ଧରିଲା ତାହାକୁ କରିବାକୁ ଗ୍ରାସ ।
ଜାଣି ଚେମଣିଆ ମରଣ ନିଶ୍ଚୟ,
"ଜୀବ ରଖ" ବୋଲେ ହୋଇଣ ଅଥୟ ।

---

୧ ପଥେ—ଇଚ୍ଛାରେ । ୨ ଉଦ୍ଧରିବ—ବିପଦରୁ ଉଦ୍ଧାର ହେବ ।

ନେଉଳ କହଇ, "ଶତ୍ରୁ ସ୍ୱଭାବତଃ
ପକ୍ଷୀ ଅଟେ ଯେଣୁ ଛାଡ଼ିବି କେମନ୍ତ ?"
ଚେମଣିଆ କହେ, "ପକ୍ଷୀ ମୁଁ ନୁହଇ,
ମୋ ଜାତି ନିଶ୍ଚୟ ମୂଷିକ ଅଟଇ ।"
ଏତ କଥା ଶୁଣି ଛାଡ଼ିଦେଇ ତାକୁ
ନେଉଳ ଚଳିଲା ଆପଣା ବସାକୁ ।
ସେହି ଚେମଣିଆ ଅଳପ ଦୂରେ
ପଡ଼ିଲା ଅନ୍ୟ ନେଉଳର ପାଖରେ ।
ଜୀବନର ଭିକ୍ଷା ତାଠାରେ କରନ୍ତେ,
ନେଉଳ କହଇ, "ନ ଛାଡ଼ିବି ତତେ ।
ଚିର-ଶତ୍ରୁ ମୋର ମୂଷିକ ଅଟଇ,
ଶତ୍ରୁକୁ ଦେଖିଲେ ଶତ୍ରୁ କି ଛାଡ଼ଇ ?"
"ନୁହେ ମୁଁ ମୂଷିକ ଅଟେଁ ଚେମଣିଆ,
ତୋର ଶତ୍ରୁ ନୁହେ ଖାଇବୁ ତୁ କିଆଁ ?"
ଶୁଣି ଏହି ବାଣୀ ନକୁଳ ଫେରିଲା,
ଚେମଣିଆ ବେଗେ ସ୍ୱସ୍ଥାନେ ଗମିଲା ।
ମହତର କାର୍ଯ୍ୟ ସାଧନେ ପଣ୍ଡିତ
ଅବସ୍ଥାବିଶେଷେ ନୁହଇ କୁଣ୍ଠିତ ।



ଗାଡ଼ି ଓ ବଳଦ ।



ଅନେକ ବୋଝାଇ ବଳଦ ଗାଡ଼ି
ଅଯତ୍ନେ ମାର୍ଗରେ ଶବ୍ଦ ଛାଡ଼ି ।
ବଳଦ କହଇ ଆରକୁ ଚାହିଁ,
"କାହିଁକି ରଡ଼ୁଛୁ କହ ରେ ଭାଇ ?
ସମସ୍ତ ଭାରକୁ ବହୁଛୁ ମୁହିଁ,
ତୋତେ ଯା କେବଳ ବହୁଛୁ ତୁହି ।
ତଥାପି ନ କରେଁ ମୁହିଁ ବେଦନ,
କଷ୍ଟ-ସହିଷ୍ଣୁର ନାହିଁ କ୍ରନ୍ଦନ ।"



ସିଂହ ଓ ମୂଷିକ ।



ଏକ ସିଂହ ଦିନେ   ନିର୍ଜନ ବଣିବେ
ଶ୍ରମ ଅନ୍ତେ ଶୋଇଥିଲା,
ସାନ ମୂଷା ଏକ   ଯାଇ ତାର ପାଖ
ଖଟାରେ ତାର ଖେଳିଲା ।
ଖେଳୁ ଖେଳୁ ମୂଷା   ଦେଖିଲା ସହସା
ସିଂହ ଚାହିଁଲାଣି ତାକୁ,

ଉତ୍ତରିଲ ସାହସ "କଲି କି ପ୍ରୟାସ
କିପାଁ ଅଇଲି ଏଠାକୁ ।"
ପଞ୍ଝା ଦୃଢ଼ କରି ଧଇଲା କେଶରୀ
କହେ ମୂଷିକ ଅଥୟ,
"ଛାଡ଼ ପଶୁରାଜ ଖମା କର ଆଜ
ଦିଅ ଦାସକୁ ଅଭୟ ।
ନ ଆସିବି ଆଉ ଜୀବ ମୋର ଥାଉଁ,
ବିପଦେ ପଡ଼ିବ ଯେବେ,
କିଛି ଉପକାର କରିବି ତୁମର,
ଛାଡ଼ ଏ ଦାସକୁ ଏବେ ।"
ସିଂହ ଏହା ଶୁଣି ହସି କହେ ବାଣୀ,
"କ୍ଷୁଦ୍ର ମୂଷିକ ତୁ ଛାର,
କହୁ ଠେକ କଥା ନୁଆଇଣ ମଥା,
କରିବୁ କି ଉପକାର ?
ହୋଇ ମୁଁ ସଦୟ ଛାଡ଼ିଦେଲି—ଯାଅ,
ଏଥି ପୁଣି ନ ଆସିବୁ,
ଆସିଲେ ତାହାର ଏ ନଖେ ମୋହର
ପ୍ରତିଫଳ ଯେ ପାଇବୁ ।"
ପଳାଇଲା ମୂଷା ଭୟରେ ସହସା
ପଶିଲା (୧) ବିଲ ମଧ୍ୟର,
ପ୍ରତିଉପକାର— ପାଇଁ ମନ ତାର
ହେଉଥାଏ(୨) ନିରନ୍ତର ।

---

(୧) ବିଲ—ଗର୍ତ୍ତ । (୨) ନିରନ୍ତର—ସର୍ବଦା ।

ଦିନେ ଦୈବବଳେ ଶବର ଜାଲରେ
ସେ ସିଂହ ଦୃଢ଼େ ପଡ଼ିଲା,
ପଳାଇ ନ ପାରି କଲା ଘୋର ରଡ଼ି
ବନ ଗିରି କମ୍ପାଇଲା ।
ଏକାଳେ ମୂଷିକ ଆସି ତାର ପାଖ
ଦନ୍ତାଗ୍ରେ ଜାଲସମୂହ
କରି ସେ କର୍ତ୍ତନ କଲା ଛିନ୍ନଭିନ୍ନ
ମୁକ୍ତ ହେଲା ଏବେ ସିଂହ ।
ଶୁଣ ଶିଶୁଗଣ ଏ ସାଧୁବଚନ
"ଯେତେ ହେଉ ପଛେ ସାନ,
ହେଲେହେଁ କରିବ, ମନେ ରଖିଥିବ,
ବହୁତ କାର୍ଯ୍ୟ ସାଧନ ।



ଚମ୍ପକ ମଲ୍ଲିକା ଓ ଗୋଲାପ ।



ପୁଷ୍ପ ଉପବନେ ଚମ୍ପକ ମଲ୍ଲିକା
କରୁଥାନ୍ତି ସଦା (୧) ଅହମହମିକା ।

---

(୧) ଅହମହମିକା—ପରସ୍ପର ଗର୍ବ କରିବା । (ଅହମହମିକା ତୁ ସା ସ୍ୟାତ୍ ପରସ୍ପରଂ ଯୋ ଭବତ୍ୟହଂକାରଃ—ଅମର ।)

ଜାଣିବାକୁ କଏ   ଅଧିକ ସୁନ୍ଦରୀ,
ଦ୍ୱନ୍ଦ୍ୱ କଲେ ଦୁହେଁ   ବହୁକାଳ ଧରି
ଗୁରୁଁ ଗୁରୁତର   ବଢ଼େ ଦ୍ୱନ୍ଦ୍ୱ ଯହୁଁ,
ଗୋଲାପ ସୁନ୍ଦରୀ   ମଥା ଟେକ ତହୁଁ,
ବନଯୂଥି କହଇ   ସର୍ବ ସମକ୍ଷରେ,
"କାହିଁ ଦ୍ୱନ୍ଦ୍ୱେ ମାତ   ମୋହର ଆଗରେ ?
କର ନାହିଁ କେବେ   ବୃଥା ଅଭିମାନ,
ଯେଣୁ ତୁମ୍ଭଠାରୁ   ବଡ଼ ମୋ ସମ୍ମାନ ।
ଥାଇ ପାରେ ବଡ଼   ମୋଠାରୁ ଏ ଭବେ,
ଏହା ଜାଣି ସଦା   ଥାଏଁ ମୁଁ ନୀରବେ ।
ବଡ ହେବ ଯେବେ   ନମ୍ର ହୋଇଥିବ,
ଅନ୍ୟଥା କଲେହିଁ   ନୀଚତା ଲଭିବ ।"



ଦାର୍ଶନିକ ପଣ୍ଡିତ ଓ ବିଧାତା ।

ଯାନୀ—କାହାକେକ ସମୁଦ୍ରଗର୍ଭରେ
ଦୈବେ ଫାଟିଯାଇ ବୁଡ଼େ ଯେ କାଳରେ,
ଦେଖୁଥିଲେ କୂଳେ ଦାର୍ଶନିକ(୧) ଏକ,
ଭାବୁଥିଲେ ଧାତା କେଡ଼େ [illegible],

(୧) ଦାର୍ଶନିକ—ଯେ ଦର୍ଶନଶାସ୍ତ୍ର ଉପଦେଶ ଦଏ ।

"ଜଣକ ଦୋଷରେ ଶତ ଶତ ଜନ
ବୁଡ଼ ମଲେ ସିନ୍ଧୁଗର୍ଭେ ଅକାରଣ ।
ଚାଳକ(୧) ପଥରେ ନ ପାରି ଚଳାଇ,
ବୁଡାଇଲା ପୋତ ପର୍ବତେ ବଜାଇ ।
ମରିଥାନ୍ତା ଏକା ସେହି ଏହି ସ୍ଥଳେ,
ନିର୍ଦ୍ଦୋଷ ସହସ୍ରେ ମଲେ କି ବିକଳେ !
ଏଣୁ ଅଟେ ଦୈବ ବଡ଼ ଅବିଚାରି,
ପୁଣି ସୃଷ୍ଟି (୨)ସ୍ଥିତି (୩)ଲୟ ଅଧିକାରୀ ।
ଏହିପରି କେତେ କଥା ଭବସ୍ରୋତେ
ନଜେ ହୋଇ ପୋତ ବୁଡ଼ିଲେ ପଣ୍ଡିତେ ।
ତହୁଁ ସେ ହୋଇଲେ ବାହ୍ୟଜ୍ଞାନ-ଶୂନ୍ୟ,
ନ୍ୟାୟଶାସ୍ତ୍ର ଅନ୍ତେ ଧାଇଁଗଲା ମନ ।
ପିପୀଳିକା-ଶ୍ରେଣୀ ପରେ ବସିଥିଲେ,
ଅଗରୁ ସେ କଥା ଜାଣି ନ ପାରିଲେ ।
ଏକ ପିପୀଳିକା ଦଂଶନ କରନ୍ତେ,
ଭାଙ୍ଗିଗଲା ଧ୍ୟାନ ଉଠିଲେ ସତ୍ୱରେ ।
ପାଦେ ଦଳଦେଲେ ଅସଂଖ୍ୟ ପିମ୍ପୁଡ଼ି,
[illegible]ନ ସୁବିଚାର ଗଲେ ତହୁଁ ଛୁଡ଼ି ।
[illegible]କାଳେ ମିଳିଲେ ଧାତା ନିକେ ତହିଁ,
ଶାସନଦଣ୍ଡରେ ପ୍ରହାରି କହନ୍ତି ।

---

(୧) ଚାଳକ—ଯେ ଚଳାଏ ।
(୨) ସ୍ଥିତି—ପାଳନ । (୩) ଲୟ—ବିନାଶ ।

"ମୋହର ବଳରେ ଦୋଷାରୋପ କରୁ,
ଏକ ଦୋଷେ ଲକ୍ଷେ ପ୍ରାଣୀ ବଧ କରୁ ?
ସବୁ ଯାହା କରେଁ ମଙ୍ଗଳ ଅଛଇ,
ସେ ବସ୍ତୁରେ କାର ମୁଣ୍ଡ ନ ଖଟଇ ।
ମୋର ତତ୍ତ୍ୱ କେହି ବୁଝି ନ ପାରନ୍ତି,
ଅବଗୃଣ୍ଠ ଦୈବ ଜଗତେ ବୋଲନ୍ତି ।
ଅସମ୍ଭବ ଯାହା ସମ୍ଭବେଟି ଜାଣ,
ସେ ସବୁ ଅଛଇ ମୋହର ଭିଆଣ ।"



ଓଟ ଓ ବିଧାତା ।



ଓଟମାନେ ଥରେ ମନେ ଭାଳନ୍ତି,
"ଷଣ୍ଢମାନେ କେତେ ଶୋଭା ଧରନ୍ତି ?
ଦୁଇ ଶୃଙ୍ଗ ଦୁଇ କର୍ଣ୍ଣ ମାଝରେ
ଆତ୍ମରକ୍ଷାପାଇଁ ସାହାଯ୍ୟ କରେ ।
ଏହା ଭାବି ଯାଇ ଧାତାଙ୍କ ଆଗେ
ଶୃଙ୍ଗ ପାଇଁ ଅର୍ଥି କଲେ ସ୍ୱର୍ଗେ ।
ଶୁଣି ଧାତା ହସି କହନ୍ତି ବାଣୀ,
"ଦେଇଅଛୁ ଏବେ ଶରୀର ଜାଣି ।

ବହୁତ ବଳ ଯେ ଅଛି ତୁମ୍ଭର,
ଷଣ୍ଢ ଶୃଙ୍ଗ ଆଗେ ଅଳ୍ପ ମାତର ।
ଶୃଙ୍ଗ ପାଇଁ ଈର୍ଷା ନ କର ଏବେ,
ସୁଖେ ରହିଥିବ ସର୍ବଦା ତେବେ ।
ଯାହା ମୁଁ ଦେଇଛି ବାଛି ଯାହାକୁ,
ଅଧିକ ବାଞ୍ଛିଲେ ନ ଦଏଁ ତାକୁ ।"
ନ ଶୁଣି ସେ ବାଣୀ କରୁଁ ଓଜର
ବିରାଗରେ (୧) ଧାତା ଦେଲେ ଏ ବର ।
"ଆଜଠୁଁ ସାହସ ତୁମ୍ଭର ଯାଉ,
ସର୍ବଦା କୁତୁକ ସ୍ପୃହରେ ଥାଉ ।"
ଏହା କହି ଅର୍ଦ୍ଧ ଅର୍ଦ୍ଧେକ କର୍ଣ୍ଣ,
କାଟନ୍ତେ ଧରିଲେ ଅଳ୍ପ ବିବର୍ଣ୍ଣ ।
ଶୁଣ ହେ ବାଳକେ ! ଏ ଉପଦେଶ,
ଥାଅ ସୁଖେ ସଦା ନ କର ଦ୍ୱେଷ ।



ଖେଚରର ଜ୍ଞାନଲାଭ ।



[illegible] ନାମେ ସୌଦାଗର,
[illegible]

---

୧ ବିରାଗରେ—ବିରକ୍ତିରେ ।

ଖଚର(୧) ପୃଷ୍ଠେ ଭାର ବାନ୍ଧି,
ବିଦେଶେ ବେପାର କରଇ ।
ଥରେ ବିଦେଶୁଁ ବାହୁଡ଼ିଲା,
ଗୃହରେ ଆସି ପହଞ୍ଚିଲା ।
ବରଷା ଋତୁର ପ୍ରବେଶେ,
ବେପାରେ ନ ଗଲା ବିଦେଶେ ।
ଖଚର ବାନ୍ଧିଲା ପୋଷରେ(୨),
ଦାନା ଖୁଆଇ ଯତନରେ ।
ଏମନ୍ତେ ଗଲା କିଛୁ ଦିନ;
ଶରତ ଋତୁ ପ୍ରବେଶିଣ
ଜଳ କର୍ଦ୍ଦମ ଶୁଖାଇଲା,
ବେପାର ବାଟ ଫିଟାଇଲା ।
ଘରୁ ବେପାରୀ ମାଲ କାଢ଼ି
ଦାଣ୍ଡେ ଗୃହିଲେ ଧାଡ଼ି ଧାଡ଼ି ।
ଶ୍ରୀବସ୍ଥା ଦେଖି ଶୁନ୍ଦନ,
ପୋଷୁଁ ଖଚର କଲା ଭିନ୍ନ ।

---

୧ ଖଚର—ଘୋଡ଼ାସଦୃଶ [illegible] ।

୨ ପୋଷ—[illegible] ବର୍ଷାକାଳରେ ଗୃହବାହୀ [illegible] ରଖିବାକୁ ଘୋଷରେ [illegible] ।

ଏକେତ ଘଣ୍ଟାରେ ଜାତ,
ଗଥ ସମ୍ପର୍କେ ପୁଣି ଖ୍ୟାତ ।
ଦେଖିଣ ଦେହକୁ ସବଳ
ଆନନ୍ଦେ ହୋଇଲା ବହଳ ।
ମନୁଁ ପାଶୋରି ପୂର୍ବ ଦୁଃଖ,
କୁଦା ମାରିଲା ପାଇ ସୁଖ ।
ଆସନ୍ତା କାଲିର ବେଭାର,
କି ହେବ ନ କଲା ବିଚାର ।
ଦୁଃଖ ଯେ ନାହିଁ ଅତ ତାର
ଭାବିଣ ମାରିଲା ଫୁତ୍କାର(୧) ।
ଏ ଭାବ ଦେଖନ୍ତି ସରବେ,
ତେଣୁ ଭାବିଲା ମନ ଗର୍ବେ ।
"ମୋହର ପିତାମାତା ଦ୍ୱୟ
ବଳିଷ୍ଠ ଅଟନ୍ତି ନିଶ୍ଚୟ ।
ତେଜସ୍ୱୀ ତେଣୁ ମୁଁ ଏପରି,
ଗତରେ ଅଶ୍ୱଠାରୁ ବଳି ।"
ଏହି ରୂପରେ ସେ ଧନନ୍ତି,
ଆନନ୍ଦେ ତାର ଗଲା କଟି ।
ଚକ୍ରର ପରି ସୁଖ ଦୁଃଖ,
କାହୁଁ ବା ଜାଣିବ ସେ ମୂର୍ଖ ।

---

୧ ଫୁତ୍କାର—ଶବ୍ଦ, ଗର୍ଜନ ।

ତଦନ୍ତେ ଧର୍ମା ସୌଦାଗର,
ବେପାରେ ଯିବାକୁ ତତ୍ପର ।
ଖଚର ପୃଷ୍ଠେ ଲଦି ଧନ,
ଦୂରରେ କଲା ସେ ପ୍ରସ୍ଥାନ ।
ଦୁର୍ଗମ ପଥ ପର୍ଯ୍ୟଟନେ,
ଖଚର ଗଧ ଆଚରଣେ,
ଧ୍ରାବଷ୍ଟ ପ୍ରହାର ବାଜନ୍ତେ
ଚିତ୍କାର କଲା ଦୁଃଖ ଚିତ୍ତେ ।
ହତାଶେ ମ୍ରିୟମାଣ(୧) ବାଣୀ,
କହିଲା ସତ୍ୟ ବୋଲି ଜାଣି ।
"ମୁଁ ଆଗେ ଭାବିଥିଲି ଯାହା,
ନିଶ୍ଚୟ ମିଥ୍ୟା ଅଟେ ତାହା ।
ଗର୍ଦ୍ଦଭ ମୋ ପିତା ଅଟଇ,
ତେଣୁଁ ଏ ଅନାସ୍ଥା ଭୋଗଇଁ ।"
ଏହା ଭାବଣ ହୃଦୟରେ,
ଗମିଲା ଗର୍ଦ୍ଦଭ-ବୃତ୍ତରେ ।
ନ ଜାଣି ନିଜର ଗୌରବ,
ଯେ ଲୋକେ ବହନ୍ତି ବିଭବ,
ଶେଷରେ ଖଚ[redacted]

୧ ମ୍ରିୟମାଣ—ଦୁଃଖ, ମର୍ମାହତ ।

ପୀଡ଼ିତ ହରିଣ ।



ଗୋଟିଏ ହରିଣ ରୋଗାତୁରରେ,
ପଡ଼ିଥିଲା ନିଜ ବାସସ୍ଥାନରେ ।
ଖାଇବା ରହିତ ହୋଇଲା ଯେଣୁ,
ପାର୍ଶ୍ୱେ ତୃଣ ଗୁଳ୍ମ ବଢ଼ିଲେ ତେଣୁ ।
ବନ୍ଧୁବାନ୍ଧବାଦ ସଙ୍କୁଳ ଆସି,
ଗୁଳ୍ମ-ପତ୍ର ତୃଣ ଗଲେ ସେ ଗ୍ରାସି ।
ହରିଣ ପୀଡ଼ାନ୍ତେ ଉଠି ଦେଖିଲା,
ଆହାର୍ଯ୍ୟ ପଦାର୍ଥ କିଛି ନ ଥିଲା ।
ଖାଦ୍ୟ ଅନ୍ୱେଷଣେ ଅତି ଅଶକ୍ତ,
ମଲା ହରିଣଟି ହୋଇଣ ବ୍ୟସ୍ତ ।
ଦୁଷ୍ଟ ବନ୍ଧୁ ଯେବେ ହୁଏ ଅଗତ,
ଲଭଟାରୁ ହୁଏ କ୍ଷତି ବହୁତ ।



କୁକୁର ଓ ତାହାର ପ୍ରତିବିମ୍ବ ।



ମା[illegible] ଏକ କୁକୁର,
ଯା[illegible]
ପଥ ମଧ୍ୟେ ଏକ ନଦୀ [illegible]
ପାର ହେବାପାଇଁ ପୋଲେକ ଥିଲା ।

ପୋଲଉପରେ ଯାଉଁ ଗୃହେଁ ପାଣିକି,
ଦେଖି ନିଜ ଛାୟା ପଡ଼େ ଚମକି ।
ଭାବିଲା "ଅପର କୁକୁର ଖଣ୍ଡେ—
ମାଂସ ଧରି ଯାଏ ଅତି ପ୍ରଚଣ୍ଡେ ।"
ନିଜ ପ୍ରତିବିମ୍ବ ନ ଜାଣି ମୂର୍ଖ,
ସେ ମାଂସ ନେବାକୁ ହୋଇଲା ଇଚ୍ଛୁକ ।
ଅକସ୍ମାତେ ମୁଖ ଦେଉଁ ମେଲାଇ,
ନିଜ ମାଂସ ଗଲା ଜଳେ ଉଭାଇ ।
ଯେ ନୋହେ ସନ୍ତୁଷ୍ଟ ଆପଣା ଧନେ,
ଇଚ୍ଛେ ପରଧନ ହିଂସୁକ ମନେ,
ସ୍ୱବିତ୍ତ ହରାଏ ଶେଷକୁ ସେହି,
ପରବିତ୍ତ ପୁଣି ମିଳେ ବା କାହିଁ ?



ବୃଦ୍ଧ ଓ ମୃତ୍ୟୁ ।



ଏକ ଦିନ ବୃଦ୍ଧ ଇନ୍ଧନ ପାଇଁ,
ବନୁଁ କାଠ ଗୋଛେ ଆଣଇ ଯାଇ ।
ଗ୍ରୀଷ୍ମକାଳେ ଦିନେ ବନେ ଚଳିଲା,
କାଠ ଗୋଛେ ଭାଙ୍ଗି ମୁଣ୍ଡେ ରଖିଲା ।

ଏଥୁଁ ପଥେ ତାପ ପ୍ରଖର ହେଲା,
ମୁଣ୍ଡୁଁ କାଠ ରଖି ଶ୍ରମ ସାରିଲା ।
ବୃଦ୍ଧାକାଳ ପୁଣି ବେଳ ଉଚ୍ଛୁର,
କ୍ଷୁଧା-ପିପାସାରେ ଅଛି ଆତୁର ।
ପୁନେ ଯିବାଲାଗି କାଠ ତୋଳିଲା,
ଉଠାଇ ନ ପାରି ବ୍ୟଗ୍ରେ ଭାବିଲା,
"ମୃତ୍ୟୁ ଯା ନ ହୁଏ ମୋତେ ଏ କାଳେ,
ଏ କଷ୍ଟ ଲିହିଛି ଧାତା କପାଳେ ।
ମୃତ୍ୟୁଦେବ ଅସି ଏହି ବେଳରେ
ପ୍ରବେଶି ତାକନ୍ତେ, ବୃଦ୍ଧ ଭୟରେ
କର ଯୋଡ଼ି କହେ, "ଦୟା ଭାବରେ
ଯେବେ ଆସିଗଲ ଦିଅ ମୁଣ୍ଡରେ
କାଠ ମୋର ଟେକି, ଯିବ ଘରକୁ,
କେହି ନ ଥିବାରୁ ଡାକେଁ ତୁମ୍ଭକୁ ।"
ଜୀବ-ଜନ୍ତୁ ଯେତେ ହୋଇ ମାନବ,
ମୃତ୍ୟୁକୁ ନ ମଣେଁ କେବେହେଁ ସୁଲଭ ।

ହରିଣ-ଶାବକ ଓ ତାହାର ପିତା ।

ହରିଣ ଶାବକ ଦିନେକା
ବାପେ ପଗୁରେ ଏସନେକ ।

"ଅଛୁ ସ୍ଥାନଠୁଁ ବୃହତ୍ତର,
ତୋର ଗଢ ଯେ ଖରତର ।
ତୋ ମୁଣ୍ଡେ ଶୃଙ୍ଗ ମଧ୍ୟ ଦୁଇ,
ଆତ୍ମରକ୍ଷାକୁ ସାଦ୍ଧା ହୋଇ ।
କହ ହେ ପିତଃ କାହିଁ ପାଇଁ,
ଡରୁ କୁକୁରେ ଦେଖା ପାଇ ?"
ପିତା ହସିଣ କହେ ବାଣୀ,
"ଶୁଣରେ ବତ୍ସ ମୋ କାହାଣୀ ।
ସମ୍ପୂର୍ଣ୍ଣ କଥ ତୋର ସତ୍ୟ,
ବିଭିନ୍ନ ନୋହେ ମୋର ମତ ।
ସବୁ ସୁବିଧା ଅଛୁ ମୋର;
ତଥାପି ତା ପାଶେ ମୁଁ ଭୀର ।
କୁକୁର ଶବଦ ଶୁଣିଲେ,
ମୋ ପାଦ ନ ରହଇ ସ୍ଥିରେ ।
କମ୍ପଇ ଗାତ୍ର ମୋର ଭୟେ,
ତେଣୁ ପଳାଇ ଲୁଚି ରହେଁ ।"
ସାହସହୀନ ଯେ ଅଟଇ,
ଯୁକ୍ତି ତା ପ୍ରତି ନ ଖଟଇ ।



ଛେଳିଛୁଆ ଓ ହେଟାବାଘ ।

ଏକ ହେଣ୍ଟାବାଘ ଦିନେ ନଦୀସ୍ରୋତ ଉପରଘାଟରେ,
ପାଣି ପିଉଁ ପିଉଁ ଦେଖେ ଛେଳଛୁଆ ତାହା ନିକଟରେ,
କହେ ହେଣ୍ଟା "ଅରେ ଛେଳ ଏତେ ଗର୍ବ କିପାଇଁ ତୋହର,
ଗୋଳିଆ କରୁଛୁ ପାଣି, ଜାଣି ନାହୁଁ କି ଶକ୍ତି ମୋହର ?"
ଚମକିଣ ଛେଳ କହେ ,"ନାହିଁ ମାମୁ ଅଛୁ ମୁହିଁ ତଳେ,
ଅକାରଣେ ମୋର ଦୋଷ ଦେଉଅଛ ଭାବିଦେଖ ଥରେ ।"
କହେ ହେଣ୍ଟା,"ତୁହି ଦୁଇମାସତଳେ ମୋତେ ଦେଲୁ ଗାଳି ।"
"ସତ୍ୟ ଅଟେ ମାସେ ହେଲା ଜନ୍ମମୋର,"ଛେଳ କହେ ଭାଳି
କହେ ହେଣ୍ଟା, "ତୋର ପିତା ଅରମାସ ମୋତେ ସଞ୍ଚିଥିଲା,"
"ମୋର ପିତା ମଲେ ଛଅ ମାସ ହେବ ଛାଗଲ କହିଲା ।
ହେଣ୍ଟା କହେ,"ଏତେକଥା ନୁହେ କିଛି,ମୋହବ ତୋ ବେଢ଼,
"ଦୁଷ୍ଟ ଆଚରଇ ଏହା ଶିକ୍ଷେ" କହେ ଛାଗଲ ନିରେଖି ।



ଛେଳିଜଗାପିଲା ଓ ହେଟାବାଘ ।



ଛେଳି-ଜଗା-ପିଲା [illegible] ବନେ ବନେ ବୁଲି
[illegible]
ସକାଳୁଁ ସେ ମା [illegible]
ନ ଦେଖେ ଜଣେ ଲୋକକୁ ।

ଦିନେ ମନେ କଲା "କି ଧାମ କରୁଛ
ବନେ ଗଲା ମୋର ଦିନ ;
କେତେ କେତେ ସୁଖ କରୁଛନ୍ତି ଲୋକେ
ମୁହିଁ ହୋଇ ଏତେ ହୀନ !
ବୁଲେଁ ମୁହିଁ ବନେ ମନୁଷ୍ୟ ସଙ୍ଗରେ
ଦେଖା ମୋର ଦିନେ ନାହିଁ,
ପରର ନୃକରୀ ମଳ କରି କରି
ସୁଖ ବା ମିଳିବ କାହିଁ ?
ଥରେ ଏକ ଦୁଇ କରି ଯେତେ ଛେଳି
ଗଣାଗଣି କଲି ପରେ,
କାମ ନ ଥିବାରୁ ଦିନ ସାରିବାକୁ
ଗଣେ ପୁଣି ଆଉ ଥରେ ।
ବାଘ ରେ ! ବାଘ ରେ ! ମିଛେ ଉଚ୍ଚୈଃସ୍ୱରେ
ଡାକିବ ଏଠାରେ ଥାଇ,
ମୋର ଡାକ ଶୁଣି ଗ୍ରାମଲୋକେ ସବୁ
ଆସିବେ ଯେ ବେଗେ ଧାଇଁ ।
ଏଠାରେ ସେଠାରେ ଖୋଜିବେ ବାଘକୁ
ନ ପାଇ ଯେବେ ପୁଛିବେ,
ମିଛେ ଡାକୁଥିଲି କହି ଚାଳି ହେବ
ପଲାଅ ଛେଳି ଚିକ୍କିବେ ।"
ଏପରି ଭାବରେ ଅବା କେ ଟିକେ ସୁଖ
ହେବ ବୋଲି ଭାବି ମନେ,

ବାଘ ବାଘ ବୋଲି ବଡ଼ ପାଟି କରି
ଡାକିଲା ଥାଇଁ ସେ ବନେ ।
ଶୁଣି ତାର ସ୍ୱର ଗ୍ରାମଲୋକଯାକ
ଧାଇଁଲେ ସର୍ବେ ବ୍ୟସ୍ତରେ,
ଧରି କେ କୁର୍ହାଡ଼ି, ଛଡ଼ ବାଡ଼ି କେବା
ଯେ ଯାହା ପାଏ ସାଖରେ ।
ଆସି ଖୋଜ ଖୋଜ ଦେଖିବାକୁ ନ ପାଇ
ପୁଚ୍ଛିଲେ ବାଳକୁ ଭୟେ,
କହେ ସେ ବାଳକ "ମିଛେ ଡାକୁଥିଲି
ପଲାଅ ଲୋକେ ତର୍କିବେ ।"
ଏହିରୂପେ ଦୁଇ ତିନି ଥର ଯହୁଁ
ଲୋକ ମିଛେ ପହଞ୍ଚିଲେ,
ଦିନେ ବାଘଟିଏ ଦେଖି ସେ ଡାକିଲେ
ଶୁଣି କେହି ନ ଆସିଲେ ।
କେତେ ଛେଳି ବାଘ ଖାଇସାରି ଶେଷେ
ପିଲାକୁ ଖୋଜିଲା ଆସି,
ବୃକ୍ଷ ଅନ୍ତରାଳେ ଯହୁଁ ସେ ପାଇଲା
ଆନନ୍ଦେ ଦେଲାକ ଗ୍ରାସି ।
ମନ କହ ବନ୍ଧୁ ! ନ ଠକାଅ ଲୋକେ
ମିଛକୁ ସଦା ଉପେକ୍ଷ,
[illegible] ଜଣ୍ଣୁ ଠକିବ,
[illegible] ଦୃଷ୍ଟାନ୍ତ ।



ମାଛିଦଳ ଓ ମଧୁଭାଣ୍ଡ ।



ବୃକ୍ଷର ବୃନ୍ତେ ଏକ ମଧୁଭାଣ୍ଡ ଥିଲା,
ଦିନେ ଦୈବେ ଗଡ଼ିଯାନ୍ତେ ସେ ମଧୁ ଛଡ଼ିଲା ।
ମକ୍ଷିକା ସମୂହ ମଧୁ ଗନ୍ଧରେ ଆକୃଷ୍ଟ,
ଦୂରୁଁ ଉଡ଼ି ଆସି ପିଇ ମନେ ହେଲେ ତୁଷ୍ଟ ।
ଲୋଭେ ପଡ଼ି ପିଇଁ ପିଇଁ ହେଲେ ଲଟପଟ,
ଡେଣା ଗୋଡ଼ ନ ଚଳନ୍ତେ ପ୍ରାଣେ ଛଟପଟ ।
ଶ୍ୱାସରୁଦ୍ଧ(୧) ହୋଇ କ୍ରମେ ମରଣ କାଳରେ,
କହନ୍ତି ଏମନ୍ତ ବାଣୀ ସଂସାର ହିତରେ ।
"ଯେ ଅସାର କ୍ଷଣସ୍ଥାୟୀ ସୁଖ ଏ ଜଗତେ,
ନ ହୁଅ ପ୍ରୟାସୀ କେବେଁ ତାହାର ନିମନ୍ତେ ।
ଆପାତ-ମଧୁର(୨) ଭବେ ଯନ୍ତ୍ରଣା-ଦାୟକ,
କେ କହି ପାରେ ବା ନୁହେଁ-ପୁଣି ମାରାତ୍ମକ ?



---

୧ [illegible]—ନିଶ୍ୱାସ ପ୍ରତିରୋଧ ।
୨ ଆପାତ ମଧୁର—ପ୍ରଥମରୁ ମଧୁର ।

ଠେକୁଆ ଓ କଇଁଛ ।



କ୍ଷୁଦ୍ର ପଦଧାରୀ ମନ୍ଥରବନ୍ଧାରୀ
କଚ୍ଛପକୁ ଦିନେ ଦେଖି,
ଉପହାସ ବାଣୀ ଠେକୁଆ ବଖାଣି
ମିଳାଇଲା ତାକୁ ନିରେଖି ।
କଚ୍ଛପ ଶୁଣିଣ କହଇ ହସିଣ
"ଜାଣେ କ୍ଷିପ୍ର ଗାମୀ ତୁହି
ହେଲେହେଁ ତୋଠାରୁ କତି ତୁ ନ ପାରୁ,
ବାଜିରେ ଜିଣିବି ମୁହିଁ ।"
ସମ୍ଭବ ନ ପାରେ ଏ ପଣ ତାହାରେ
ଠେକୁଆ ମନେ ଭାବିଲା,
ଉଭୟ ବାଜିରେ, ସୀମାର ବାହାରେ
ସୀମା-ସ୍ତମ୍ଭ(୧) ନିରୋପିଲା ।
"ଯେ ଆଗେ ଛୁଇଁବ ସେ ତାକୁ ଜିତିବ,
ଏହି ପଣ ସ୍ଥିର କଲେ,
[illegible] — ଦେବାରୁ ଅଭୀଷ୍ଟ-
ସୀମାଆଡ଼େ ଗତି କଲେ ।
ଆଳସ୍ୟ ନ କରି ଜଳପଥ ଧରି
କଚ୍ଛପ ମନ୍ଦଗମନେ,

---

୧ ସୀମା-ସ୍ତମ୍ଭ—ସୀମା ନିରୂପଣ ଖୁଣ୍ଟ ।

ଛୁଇଁ ସୀମା ଅଗେ   କହିଲ ସବୁଗେ
ଠେକୁଅର ଅମେନେ ।
ନାକ ଷିପ୍ରଗନ୍ଧ   ହେତୁ ଟିକ୍ ଅଢ
କାନ୍ଦି, ପଣ ତୁଛଙ୍କାନେ,
ନଷ୍ଟିନ୍ତ ମନରେ   ଠେକୁଅ ପଥରେ
ଶୋଇ ପଡ଼ିଲ ଅଙ୍କନେ ।
ନଦ୍ରାରୁ ଉଠିଣ   ହ୍ରସ୍ୱଳୁ ଗୃହିଣ
ଅଢ ବଂଗ୍ରେରେ ଚଳିଲ,
ଶ୍ରମ ଅବସାନେ   ନରୂପିତ ସ୍ଥାନେ
କଚ୍ଛପେ ସୁପ୍ତ ଦେଖିଲ ।
ଅଦୃଶ୍ୟ ଭାବରେ   ରହି ଲଜ୍ଜାଭରେ
ମନେ ଏସନ ବାକ୍ୟରେ;
"ନ୍ୟୂମିତ ଯେନ୍ତ   ତୁଚ୍ଛ ହେଲେ ହେଉ
ସବତ ସେ ଜୟ କରେ ।"

କୃଷକ ଓ ସର୍ପ ।

ଶୀ[illegible]କ ଜଣେ
[illegible] ମନେ
[illegible]କାରରେ କାଳ ସର୍ପେକ,
ପଡ଼ି ରହିଥିଲ ହୋଇ ନଟରେଖ ।

କୃଷକ ତାହାକୁ ଏଥେ ଦେଖିଣ,
ହୃଦୟେ ହୋଇଲା ଦୟା ବହ୍ନିଣ ।
ଥଣ୍ଡା ଯୋଗୁଁ ସର୍ପ ଥିଲା ନିର୍ଜୀବ,
ଉତ୍ତାପ ଲଭିଣ ହୋଇଲା ସଜୀବ ।
ସ୍ୱଭାବ କ୍ରୂରତା ଦୁଷ୍ଟ ପାଇଲା,
ଉପକାରୀ ବକ୍ଷେ ଜୋରେ ଦଂଶିଲା ।
କୃଷକ ଅଜ୍ଞାନ ବିଷ ଜ୍ୱାଳାରେ,
ଢଳେ ପଡ଼ି କହେ ମୃତ୍ୟୁକାଳରେ ।
"ଦୁରାତ୍ମାକୁ ଦୟା କରି ମାନବ,
ପରିଣାମେ ପାଏ ଏ ପରାଭବ ।
ଯେତେ ଉପକାର କୃତଘ୍ନେ କଲେ,
ସ୍ନେହ-ପାଶେ ବାନ୍ଧି ନ ପାରି ହେଲେ ।"



ଜଣେ ଜ୍ୟୋତିର୍ବିଦ (୧) ପଣ୍ଡିତ ।



ଅର୍ଦ୍ଧରାତ୍ରେ ଏକ ବୃଦ୍ଧ ଜ୍ୟୋତିଷ ପଣ୍ଡିତ
ବାହାରନ୍ତି ନିରୀକ୍ଷଣେ ଗ୍ରହ ନଭଃ-ସ୍ଥିତ ।
ଏକ ସମୟରେ ନଗ୍ର ସୀମା ନିକଟରେ,
ବୁଲୁଥିଲେ ମନ ରଖି ଆକାଶ ପ୍ରାନ୍ତରେ ।

---

୧ ଜ୍ୟୋତିର୍ବିଦ୍—ଜ୍ୟୋତିଷ ।

ପଥ ପାର୍ଶ୍ୱେ ନିମ୍ନ କୂପ ଥିବା ନ ଦେଖିଲେ,
ପଦ-ସ୍ଖଳିତରେ ବୃଦ୍ଧ ତହିଁରେ ପଡ଼ିଲେ ।
ଅଣ୍ଟୁ ଗଣ୍ଠି ବୁଡ଼ିଗଲା ଶୀତେ ଥରୁଥରୁ
ଡାକେ ଡକା ପାଡ଼ୁଁ ଲୋକ ପହଞ୍ଚିଲେ ଦୂରୁଁ ।
ଅତି କଷ୍ଟେ ପଣ୍ଡିତଙ୍କୁ କୂପରୁ ଉଠାଇ,
କହନ୍ତି ଶୁଣିଣ ସବୁ ପରୀର ନଠାଇ ।
ଧନ୍ୟରେ ବୃଦ୍ଧ ପଣ୍ଡିତ ଧନ୍ୟ ତୋର ବୁଦ୍ଧି,
ପାଖକୁ ନ ଚାହିଁ ଦୂରେ ଚାହିଁ ଚାଲୁ କୁଦ ।
ନମ୍ର-ଶିକ୍ଷା ଶେଷ ପରେ ଉଚ୍ଚାଭିଳାଷରେ,
ଚୁରଅଙ୍କୁ ବୁଝି ସୁଝି ଗମେ ଯେ ମାର୍ଗରେ ।
ମତଲୋକ ନୋହେ ସେହି ଏ ତଥ୍ୟ ବଚନ,
ହିପଦେ ନମଡ଼େ, ହୃଦେ ଧେନ ଶିଶୁଗଣ ।



କଚ୍ଛପ ଓ ବଗଲପକ୍ଷୀ ।



କାହିଁ କଚ୍ଛପେକ ଥା[illegible]
ଖିର ଖାଉଥିଲ [illegible]
ଦେଖି [illegible]ନଙ୍କୁ,
[illegible]ରେ ନିଜ ଭାଗ୍ୟକୁ ।
[illegible]ଡ଼ ନିର୍ବୋଧ ସେ ମୋତେ ନିର୍ମାଇ
[illegible]-ଯାନ ଦେଲା ଉଡ଼ିବା ପାଇଁ ।"

ଉର୍ଦ୍ଧେ ଉଡ଼ୁଥିଲା ଏକ ଈଗଲ,
କହେ ଶୁଣି ସେହି ଦୁଃଖୀ କୂର୍ମର ।
"କି ଦେବୁ ମୋତେରେ କହ ତୁ ଭାଇ,
ଭଲ ପକ୍ଷ ଦେବ ଉଡ଼ିବାପାଇଁ ।"
ଶୁଣି ଆନନ୍ଦରେ କଚ୍ଛପ କହେ,
"ଦେବ ଯେତେ ରତ୍ନ ସାଗରେ ରହେ ।"
ଉତ୍ତରିଲା ଶୁଣି ସେ ପକ୍ଷିରାଜ
"ଉଡ଼ିବୁ କପରେ ଶିଖିବୁ ଆଜ ।"
ଏମନ୍ତେ କୂର୍ମକୁ ନଖେ ଧରିଲା,
ବେଗେ ଯହିଁ ମେଘ ତହିଁ ଉଡ଼ିଲା ।
କ୍ରମଶଃ ଈଗଲ ଯାଇ ଦୂରକୁ
ପାହାଡ଼ ପଥରେ ଛଡ଼େ କୂର୍ମକୁ,
କୂର୍ମ ଖସି ଆସି ଠାଣେ ପଡ଼ିଲା,
ଖଣ୍ଡ ଖଣ୍ଡ ହୋଇ ପୃଷ୍ଠ ଭାଙ୍ଗିଲା ।
ଜୀବ ଗଲା ବେଳେ କହେ ଏରୂପ,
"ଫଳ ପାଇଅଛୁ ଇଚ୍ଛାନୁରୂପ ।
ଜଳ ସ୍ଥଳ ସଙ୍ଗେ ସମ୍ପର୍କ ଯାର,
ଉଡ଼ିବାକୁ ଇଚ୍ଛା କିପାଇଁ ତାର ?
ପ୍ରାଣୀଏ ଯେବେ କି ଇଚ୍ଛାନୁସାରେ
ଫଳ ପାନ୍ତି କାହିଁ ଦୁଃଖ ସଂସାରେ ?"
ଅବ୍ୟାପାରେ ଯେହୁ କରେ ବ୍ୟାପାର,
ଲଭେ ଫଳ ସେହୁ କୂର୍ମ ପ୍ରକାର ।

--:o:--

ଡାମରାକୁଆ ଓ ବଗ ।



କୁଆ ଏକଦିନେ ଦେଖି ବଗକୁ,
ରୂପ କାନ୍ତି ତାର ଭାବେ ମନକୁ ।
"ଡେଣା ପକ୍ଷ ତାର କେଡ଼େ ଶୁକ୍ଳ,
ତାର ଉପକାନ୍ତି ଅଟଇ ଜଳ ।
ଘଷି ମାଜି ଡେଣା କଳା ଛଡ଼ାଇ,
ମୋର ଅଙ୍ଗେ ଅଧି ହୁଏ ଦେଖାଇ ।
ମୁଁ ଯାଇ ଏଥର ପାଣି ଭିତରେ,
ରହି ମଜା ଘଷା ହେବ ସୁଖରେ ।
ହୋଇବ ମୋହର ଡେଣା ସେପରି,
ଆଉ ନ ଥିବ ଯେ କଳା ଏପରି ।"
ଭାବି ଏହା କାକ ଛଡ଼ି ନଗର,
ଯେଉଁ ସ୍ଥାନେ ପୂର୍ଣ୍ଣ କରେ ଉଦର,
ପାଣିରେ ପଶିଣ ଡେଣା ମାଜିଲା,
ତେବେହେଁ ତା ଦେହ ଧଳା ନୋହିଲା ।
ବରଂ ମଲା କାକ ଖାଦ୍ୟ ଅଭାବେ [illegible]
ଅଭ୍ୟାସ ଛାଡ଼ିଣ [illegible]
ଯେତେ [illegible],
[illegible] ଭଲେ ।

ବାଜପକ୍ଷୀ, ଚିଲ ଓ କପୋତପଲ ।

ଚିଲ ଆସିବାରୁ କପୋତ ପଲ
ବିପଦ ପଡ଼ିଲା ଜାଣି ବିକଳ ।
ବାଜପକ୍ଷୀ ପାଶେ କହନ୍ତି ଯାଇଁ,
"ଚିଲଠାରୁ ଜୀବ ରକ୍ଷା ହେ ଭାଇ ।"
ବାଜପକ୍ଷୀ ଶୁଣି ଖୁସି ହୋଇଲା,
ରାଜି ହୋଇ ଭାବେ, "ଦଇବ ଦେଲା ।"
କପୋତ ପୂଜିଲେ ବସାଇ ତାକୁ
ରାଜସିଂହାସନେ ଯଥା ରାଜାଙ୍କୁ ।
ଦିନେ ବାଜପକ୍ଷୀ ଧରି ଅନେକ
କପୋତ ଖାଇଲା ମୋଡ଼ିଣ ବେକ ।
ବର୍ଷକେ ଗୋଟେ ବା ଚିଲ ଛୁଇଁଇ,
ବାଜ ଖାଏ ଯେତେ ପାଖେ ମିଳଇ ;
ପୀଡ଼ା ଅଟେ ଏକେ କଷ୍ଟଦାୟକ,
ତହୁଁ ବଳି ଗଲେ ପ୍ରତିଷେଧକ,
ନ ଆଣ ବାଳକେ ତାକୁ କଦାପି



[illegible] ଭିତରେ ଆସି ।

କୃଷକ ଓ ପକ୍ଷିପଲ ।



ଥରେ କୃଷି ଜଣେ ନିଜ କ୍ଷେତ୍ରରେ
କୃଷି କରି ଧାନ୍ୟ ବପନ କରେ ।
ପକ୍ଷୀ ପଲ ପଲ ଦୂରରୁ ଆସି,
ଧାନ୍ୟ ବାଛି ବାଛି ଯାଆନ୍ତି ଗ୍ରାସି,
ଦେଖି ଦେଖି କୃଷି ବିରକ୍ତ ହବେ,
ପକ୍ଷୀ ଉଡ଼ାଇବା ଉପାୟ ଭାବେ ।
ନଗୀ(୧) ଏକ ପାର୍ଶ୍ୱେ ବସ୍ତ୍ର ଲଗାଇ,
ଚଣ୍ଡବେଗେ ତାହା ଦିଏ ଘୁରାଇ ।
ପକ୍ଷୀ ଡରି ଉଡ଼ି ଯାଆନ୍ତି ଦାଣ୍ଡେ,
ପୁଣି ଫେରି ଆସି ବସନ୍ତି କ୍ଷେତ୍ରେ ।
ଏହିରୂପେ କେତେ ଥର କରଇ,
ପକ୍ଷିଗଣେ ସେହ୍ନୁ ଦେଲ ଉଡ଼ାଇ ।
ଜାଣିଲେ ପକ୍ଷୀ ଯେ ତୁଚ୍ଛା ଡରାଣ,
ନିର୍ଭୟେ ଖାଇଲେ ଅଚଳ ଠାଣ ।
କୃଷକ ଅନେକ ଉପାୟ ଫାନ୍ଦି,
ରଜ୍ଜୁ ଫାଶେ ଠେଙ୍ଗା ଫିଙ୍ଗିଲ ବାନ୍ଧି ।
ଠେଙ୍ଗା ବାଜେ ଯେଉଁ ପକ୍ଷୀ ଦେହରେ,
ମରଇ ସେ ପକ୍ଷୀ ସେହି ସ୍ଥାନରେ ।

---

୧ ନଗୀ—ଅଙ୍କୁଡ଼, ଲଗୀ ।

ଏହିରୂପେ କେତେ ପକ୍ଷିମାନଙ୍କୁ
ମାରନ୍ତେ ଛାଡ଼ିଲେ ସେହି ସ୍ଥାନକୁ ।
ଗଲାବେଳେ ଏହା କହି ଗମିଲେ,
"ନାକ ଦୋଷୁ ମୃତ୍ୟୁ ମୁଖେ ପଡ଼ିଲେ ।"
ଶାସନ କାର୍ଯ୍ୟରେ କୌଶଳେ ଯିଧା
ନୋହିଲେ ଚଳଇ ପଛକୁ ବାଧା ।



ସିଂହୀ ଓ ଅନ୍ୟାନ୍ୟ ପଶୁ ।



ଏକ ସମୟରେ ପଶୁଙ୍କ ମେଳରେ
ଘୋର ବିସମ୍ବାଦ(୧) ଜାତ,
"କେ କେତେ ପାରଇ ଶାବକ ଜନ୍ମାଇ
ଥରେ ପ୍ରସବରେ ମାତ ।
ସେହି ସିନା ଧନ୍ୟ ନୋହିଲେ ଅଗଣ୍ୟ
ଅଟୁଁ ପଶୁ ସମାଜରେ ।"
[illegible] ସିଦ୍ଧାନ୍ତ ସକାଶେ
[illegible]
ସିଂହୀ ହସି ହସି [illegible]
"ମୋର ଏକା ପ୍ରସବରେ, [illegible]

---

୧ ବିସମ୍ବାଦ—ବିରୋଧ, କଳହ ।

ଗୋଟିଏ ସନ୍ତାନ ଜାତ ହୁଏ ଜାଣ
କନ୍ଦ ସିଂହ ପ୍ରକୃତରେ ।
ଏକ ଚନ୍ଦ୍ର ନାଶେ ରଜନୀ ଆକାଶେ,
ଭୂମଣ୍ଡଳୁଁ ଅନ୍ଧକାର,
କୋଟି କୋଟି ତାରା ଦଶନ୍ତି କ ତୋରା,
ନାହିଁ ସେ ଶକ୍ତି ତାଙ୍କର ।
ଯୋଗ୍ୟତାର ମୂଲ୍ୟ ନାହିଁସ୍ତ ଅମୂଲ୍ୟ
ସଂଖ୍ୟା ସିନା ତୁଚ୍ଛ କଥା ।"
ଏ ସାଧୁ ବଚନ ପାଳ ଶିଶୁଗଣ
ଆପଣା ହିତେ ସର୍ବଥା ।



ଭଲ୍ଲୁକ ଓ ଦୁଇ ପଥିକ ।



ଦୁଇବନ୍ଧୁ ବନେ ଯାଉଥିଲେ ସ୍ଥାନେ,
ଜଣେ ସୂଚୀଜୀବୀ(୧) ସୂତ୍ରଧର(୨) ଆନେ ।
ସୂତ୍ରଧର ସ୍ଥୂଳ ପୁଣି ଦୀର୍ଘକାୟ,
ସୂଚୀଜୀବୀ ଅଟେ କ୍ଷୀଣ, ଖର୍ବକାୟ ।

---

୧ ସୂଚୀଜୀବୀ—ଦରଜି ।
୨ ସୂତ୍ରଧର—ବଢ଼େଇ ।

ପଥ ମଧ୍ୟେ ଯାଉଁ ଅରଣ୍ୟ ପଡ଼ିଲ,
ମୂଢଜୀବୀ ସୂତ୍ରଧରେ ପଚାରିଲା ।
"ଭାଇ ! ହିଂସ୍ର ଜନ୍ତୁ ଯେବେ ବାହାରିବ,
ବୁଦ୍ଧି ଦିଶୁ ନାହିଁ, କି ଦଶା ଘଟିବ !"
ସୂତ୍ରଧର କହେ ବହୁ ଅଡ଼ମ୍ବରେ,
"ପିଟିବି ତା ମୁଣ୍ଡ ଏହି ମୁଦ୍ଗରରେ ।"
ଇତମଧ୍ୟେ ଏକ ଭଲ୍ଲୁକ ପ୍ରଚଣ୍ଡ
ଉପସ୍ଥିତ ହେଉଁ, ସୂତ୍ରଧର ଭଣ୍ଡ
ଉଚ୍ଚ ବୃକ୍ଷ ଦେଖି ଉଠିଲ ତା ଅଗ୍ରେ ।
ଅରୋହ ନ ଜାଣି ମୂଢଜୀବୀ ବ୍ୟଗ୍ରେ,
ତଳେ ପଡ଼ି ସ୍ଥିର ଭାବରେ ଶୋଇଲ ।
ଅପାଦମସ୍ତକ ଭଲ୍ଲୁକ ସୁଙ୍ଘିଲ ।
ମୃତ ଦେହ ଭାବି ତେଜିଲ ତାହାକୁ,
ସ୍ୱଭାବେ ଭଲ୍ଲୁକ ନ ଛୁଏଁ ମଡ଼ାକୁ ।
ଭଲ୍ଲୁକ ଯାଅନ୍ତେ, ସୂତ୍ରଧର ଆସି
ସୂଚକକୁ (୧) ଚାହିଁ ପଚାରେ ବିହସି,
"କି କହିଲା ଭାଲୁ ତୋ କାନ ପାଖରେ,
ଡରିଲୁ କି ଭାଇ ! ମୁଁ ତାକୁ ନ ଡରେଁ ।"
ମୂଢଜୀବୀ କହେ, "ଦେଲା ଉପଦେଶ,
ଅବିଶ୍ୱାସୀ ସଙ୍ଗେ ନ କର ବିଦେଶ ।
ବିପଦ ପଡ଼ିଲେ ନୋହିବ ବିକଳ ।
ଘନିଷ୍ଠ ବନ୍ଧୁର ପରୀକ୍ଷାର ସ୍ଥଳ ।"

(୧) ସୂଚକ—ମୂଢଜୀବୀ ।

ମେଷଚର୍ମାବୃତ ହେଣ୍ଟାବାଘ ।



ଦିନେ ହେଣ୍ଟାବାଘ ଭବଇ ମନେ,
“ ମାରିବି ବହୁତ ମେଷ କେମନେ ।
ମେଷପାଳକଙ୍କୁ ଦେଲେ ଭୁଲାଇ,
କୌଶଳେ ଖାଇବି ମନ ପୂରାଇ ।”
ଏଣୁ ମେଷଚର୍ମ ନିଜ ଦେହରେ,
ଆବରଣ କଲା ଅତି ଯତ୍ନରେ ।
ମେଷପଲେ ଯାଇ କଲା ପ୍ରବେଶ,
ଖେଳେ ବନ୍ଧୁରଙ୍ଗେ ଯାଦୃଶ ମେଷ ।
ଏବେ ଅସ୍ତାଚଳେ ସୂର୍ଯ୍ୟ ବୁଡ଼ିଲେ,
ମେଷଯୂଥ ନିଜ ବାସେ ଫେରିଲେ ।
ହେଣ୍ଟା ତାଙ୍କ ସଙ୍ଗେ ଲୁଚି ଅଇଲା ,
ଖୁଆଡ଼ ଭିତରେ ମିଶି ରହିଲା ।
ପାଳକ ଏ କଥା ଜାଣି ନ ପାରି,
ଧଡ଼ା ବନ୍ଦ କରି ଗଲା ବାହାରି ।
ରାତିରେ ମାଂସର ଅଭାବ ଥିଲା,
ତହୁଁ ମେଷପାଳ ବେଗେ ଅଇଲା ।
ପ୍ରଥମେ ହେଣ୍ଟାକୁ ମେଷ ବିଚାରି,
କାଟିଲା ବେକରୁ ଖଣ୍ଡା ଓଟାରି ।
ଛନ୍ଦେ ଯେହୁ ଚିନ୍ତେ ପରର ମନ୍ଦ,
ତା ମନ୍ଦ ଚିନ୍ତନ୍ତି ପରମାନନ୍ଦ ।



ଛାଗ ଓ ତାହାର ରକ୍ଷକ ।



ଯୂଥଭ୍ରଷ୍ଟ ହୋଇ ଗୋଟିଏ ଛାଗ,
ଭ୍ରମୁଥିଲା ବନେ ନ ପାଇ ମାର୍ଗ ।
ରକ୍ଷକ ତାହାକୁ ଦେଖି ଦୂରରେ,
ଡାକିଲା ଉଦ୍ବେଗେ ଅତି ଜୋରରେ ।
ଛାଗ ସ୍ୱନ ଶୁଣି ନ ଫେରିବାରୁ,
କ୍ରୋଧରେ ରକ୍ଷକ ଡେଙ୍ଗୁଆ ଦୂରୁଁ
ଫିଙ୍ଗନ୍ତେ, ବାଜିଲା ଛାଗ ଶିଙ୍ଗରେ,
ଭାଙ୍ଗିଯାଉଁ ଶିଙ୍ଗ ଅତି କାତରେ,
ବିନୟେ ରକ୍ଷକ ବୋଲେ ଛାଗକୁ,
"ନ କହିବୁ ବାରେ ତୁ ମୁନିବକୁ ।"
ବୋଲେ ଛାଗ, "ମୂର୍ଖ ! ଶିଙ୍ଗ ଭାଙ୍ଗିଲୁ,
ନ କହ ମୁନିବେ ପୁଣି ବୋଇଲୁ ।
ନ କହିବ ମୁହଁ, ଶିଙ୍ଗ କହିବ,
ମୁନିବ ଜାଣି ତୋ ପିଠି ଭାଙ୍ଗିବ ।"
ଲୁଚି ନ ପାରିବ ଯେଉଁ ବିଷୟ,
ନ ଲୁଚାଅ କେବେଁ ବାଳକଚୟ ।



ପ୍ରେମାସକ୍ତ ସିଂହ ।



ବନ୍ଧା ହେବାଲାଗି ନରସମାକେ,
କେଶରୀ (୧) ମିଳଲା ବଣୁଆଁରାଙ୍କେ ।
ଏକ ବଣୁଆଁର ଗୋଟିଏ କନ୍ୟା,
ସିଂହ ମାଗୁଁ ସର୍ବେ କଲେ ଯେ ମନା ।
ବଣୁଅଙ୍କ ମଧ୍ୟେ ଏକ ବୃଦ୍ଧିଆ,
ସିଂହ ଆଗେ କହେ ହୋଇଣ ଠିଆ ।
"ମୋର ଝିଅ ତୋତେ ରାଜ ହୋଇଛି,
ତୋ ନଖ ଦନ୍ତକୁ ମାତ୍ର ଡରୁଛି ।
ଆସି ତୁ ସେଥିନ କର କର୍ତ୍ତନ,
ବନ୍ଧା ଦେବ ତୋତେ କନ୍ୟାରତନ ।"
ଶୁଣି ସିଂହ ଏହା ହରଷମନେ
ଫେରିଗଲା ନଖ ଦନ୍ତ ଛେଦନେ ।
କାଟି ନଖ ଦନ୍ତ ଫେରି ଆଇଲା,
ବଣୁଆ ଦୁଆର ମାଡ଼ି ବସିଲା ।
ନ ଡରେ ବଣୁଆ ଦେଖି ଏଥର,
ତା ମୁଣ୍ଡ ଛେଚିଲା ଧରି ପଥର ।
ପରକୁ ଆପଣା ଆୟତ୍ତ ଦେଲେ,
ଏହି ଦଶା ଲୋକେ ଭୁଞ୍ଜନ୍ତି ହେଲେ ।

---

୧ କେଶରୀ—ସିଂହ ।

ପୀଡ଼ିତ ସିଂହ ।



ଜରାଜୀର୍ଣ୍ଣ ବୃଦ୍ଧ କେଶରୀ ଏକ
ନଖଦନ୍ତଶୂନ୍ୟ ଅଟେ ନିର୍ବଳ,
କିଛୁ ଖାଦ୍ୟ ଧରି ନ ପାରି ବଳେ,
ଭାବି ଲଭିବାକୁ ଆପଣା ବଳେ,
ଶୋଇଲା ନିଜ ଗହ୍ୱରେ ସେ;
ସର୍ବ ପଶୁ ଯଥା ଜାଣିବେ ଏକଥା
ପଡ଼ିଛି ପୀଡ଼ାବଳରେ ହେ ।
ଜାଣି ସର୍ବ ଦୁଃଖ ପ୍ରକାଶ ଅନ୍ତେ,
ସଞ୍ଚୁଲନା କ୍ରମେ ଅସି କରନ୍ତେ,
ଗୋଟି ଗୋଟି କରି ସିଂହ ଗ୍ରାସିଲା ।
କେହି ତା ପାଖରୁ ଫେରି ନଇଲା ।
ବନ୍ଧୁସଂଖ୍ୟା ଏହିମତେ ହେ ।
କୌଶଳ କେପନ୍ତ କରିଛି ଦୁରନ୍ତ
ଶୃଗାଳ ଦେଖେ ତଦନ୍ତେ ହେ ।
ସେ ଧୂର୍ତ୍ତ ଗହ୍ୱର ଦ୍ୱାରରେ ରହି,
କୁଶଳ ସମ୍ବାଦ ତାକୁ ପୁଛଇ ।
କ୍ଷୀଣସ୍ୱରେ ସିଂହ କହନ୍ତେ ତାହାକୁ,
"ବନ୍ଧୁ କ୍ଳେଶେ ଅଛି, ଆସ ଏଠାକୁ,
ବାହାରେ ଅଛ କିପାଇଁ ହେ,
ଅନୁଗ୍ରହେ ଭାଇ ଆସ ଏଠାଇଁ
କଥା-ବାର୍ତ୍ତା ହେବାପାଇଁ ହେ ।"

ହସିଲେ ଶୃଗାଳ ଏମନ୍ତ କହେ,
"ଯିବା ପାଦମାନଙ୍କୁ ଦେଖୁଛୁ ରହେ,
ଫେରିବାର ଚିହ୍ନ ନାହିଁ ଏଠାରେ,
ତେଣୁ ନ ଯିବଇଁ କେବେଁ ସେଠାରେ ।"
ଶିଶୁମାନେ ରଖ ଲେଖି ହେ,
"ଯେହ୍ନ ଜ୍ଞାନବାନ ଟିଏହ୍ନୁ ସାବଧାନ
ଅନ୍ୟର ଦୁର୍ଦ୍ଦଶା ଦେଖି ହେ ।"



ବାଳକ ଓ ଗୁଡ଼କୋଡ ।



ଥରେ ଏକ ଶିଶୁ ଗୁଡ଼କୋଡରେ (୧)
ହସ୍ତ ଭରି ଗୁଡ଼ ଆଣୁଁ ସଙ୍ଗରେ ।
କୋଡ ମୁହଁ ଥିଲା ବହୁତ ସରୁ,
ହସ୍ତ ନ ଆସିଲା କୋଡ ଭିତରୁ ।
ହସ୍ତ ନ ବାହାରେ ଗୁଡ ନ ଛଡ଼େ,
ଚକାପାଡ଼ି କାନ୍ଦେ ଲୋତକଧାରେ ।
ନିଷ୍ଫଳଭାବଯୋଗୁଁ ବାଳକ ଶୋକ
ଦେଖି ସ୍ନେହେ କହେ ନିକଟ ଲୋକ,

---

୧ କୋଡ—ବଡ଼ ଜକେଇ ବା ମାଠିଆ ।

"ଚୁପ୍ ହୁଅ ବାବା ! ଅର୍ଦ୍ଧେକ ଛାଡ଼ି,
ସହଜେ ଆଣିବୁ ତୁ ହାତ କାଟି ।"
ପରାକ୍ରମୁଁ ବଳି ଯେ ଚେଷ୍ଟା କରେ,
ତା ଶ୍ରମ ନିଷ୍ଫଳ ହୁଏ ଶେଷରେ ।



ସିଂହ ଓ ସିଂହୀ ।



ଗ୍ରୀଷ୍ମକାଳେ ସିଂହ କ୍ଳାନ୍ତ ଭାବରେ
ଶୋଇଥିଲା ସୁଖେ ଗୁହା ଭିତରେ !
ଗୁହାସ୍ଥିତ ମୂଷା ଆସି ସେ ସ୍ଥାନେ
ଖେଳେ ସିଂହ ନାକେ, କେଶରେ, କାନେ ।
ନିଦ୍ରା ଭାଙ୍ଗି ଯାନ୍ତେ, ରୋଷେ ଉଠିଲା,
ଏ କୋଣେ ସେ କୋଣେ ମୂଷା ଖୋଜିଲା ।
ଏହା ଦେଖି ସିଂହୀ ହାସ୍ୟେ ପଚାରେ,
"ସିଂହ ହୋଇ ଡର ମୂଷିକ ଛରେ ?"
"ନ ଡରେଁ ତାହାକୁ, ସ୍ନେହ ସାମାନ୍ୟ
ଦେଖାନ୍ତେ ସେ ମୂର୍ଖ କରେ ଅମାନ୍ୟ ।
ଏଣୁ ରୁକ୍ଷ ଅଟେଁ ମୁହିଁ ତା ପ୍ରତି,
ପାଇଲେ ତା ଫଳ ଦେବ ସମ୍ପ୍ରତି ।"
ଅଳ୍ପ ସ୍ୱାଧୀନତା ଦେଲେ ଅଧମେ,
ଖାତର ନ କରେ ପ୍ରଭୁବେ କ୍ରମେ ।



ଅଶ୍ୱ ଓ ସହିସ ।



ସାଧୁପଣ ଲାଗି ଘୋଡ଼ା ଚାକର,
ଘଷଇ ଘୋଡ଼ାକୁ ଶାଳ ଭିତର ।

ଖାଇବାକୁ ଦାନା ତାକୁ ନ ଦିଏ,
ହାଟେ ବିକିବାକୁ ଲୁଚାଇ ନିଏ ।

ଦିନେ ଘୋଡ଼ା କହେ ହୋଇ ବିରସ,
"ଅଳପ ଘଷିଦେଲେ ଦାନା ସରସ,

ଦେଖିବୁ ମୋ ଦେହ ହେବ ସୁନ୍ଦର,
ବାହ୍ୟ ପରିଷ୍କୃତ ହେବ ଅବର ।"

ସାଧୁତାହିଁ ଅଟେ ପ୍ରକୃତ ବଳ,
ଅସତ ଲୋକର ସଦା ବିକଳ ।

ଜଣାଗଲେ ଥରେ ତାର ଅସତ୍ୟ
ପଣ୍ଡ (୧) ହୋଇଯାଏ ସକଳ ସତ୍ୟ ।



---

୧ ପଣ୍ଡ—ନିଷ୍ଫଳ ।

ବଳଦ ଓ କଂସାଇ ।



ସ୍ଥିର କଲେ ଦିନେ ସର୍ବ ବଳଦ,
"କଂସାଇକୁ ଗୂଳ କରିବା ବଧ ।
ମାତ୍ର ଆମ୍ଭ ମାଂସେ କରେ ବେପାର,
ମଲେ ସେହୁ ସୁଖ ହେବ ଆମ୍ଭର ।"
ପଣ ସାଧିବାକୁ ହେଲେ ଏକମ,
ଘଷିଲେ ଶୃଙ୍ଗକୁ ହୋଇ ଉଦ୍ଧତ (୧) ।
ବହୁ ଦରଶିର ଏକ ବଳଦ,
ସବୁ ବୃତ୍ତି ଶୁଣି କହେ ଏମନ୍ତ,
"ସତ୍ୟ ଅଟେ ଏହା, କଂସାଇଟାଏ
ଭକ୍ଷନ୍ତି ଆମ୍ଭଙ୍କୁ କରି ନିଧନ ।
କିନ୍ତୁ ଜାଣ ସେହୁ ହେଲେହେଁ କ୍ରୂର,
ହଲ୍ଲର କାମରେ ବଡ଼ ଚତୁର ।
ସେ ହାତେ ଯନ୍ତ୍ରଣା କେହି ନ ପାଏ,
ପ୍ରାଣବାୟୁ ଶୀଘ୍ର ଉଭେଇ ଯାଏ ।
ତାହାଙ୍କୁ ବଧିଲେ ଅଜଣା ହାତେ,
ମରିବ ସମସ୍ତେ ପଡ଼ି ଆରତେ ।


---

୧ ଉଦ୍ଧତ—ଆନନ୍ଦିତ ।

ନ ମାରିବ ସେହୁ ହଲର କରି,
କଲବଲେ ବଧ କରିବ ଧରି ।
କଂସାଇଠୁଁ ବଳି ଖାଦକ କ୍ରୂର,
ପ୍ରବର୍ତ୍ତଏ ଯେଣୁ ବଧେ ପ୍ରଚୁର ।
ଈଶ୍ୱରଙ୍କଠାରେ କର ପ୍ରାର୍ଥନା,
ଗୋମାଂସ ଭକ୍ଷଣେ କରନ୍ତୁ ମନା ।
ତେଣୁ ଆମ୍ଭ କଷ୍ଟ ବହନ ଯିବ,
କଂସାଇ ବାପୁଡ଼ା (୧) ଭଲ ମରିବ ।
ଯେଉଁ ଦୁରବସ୍ଥା ଭୋଗୁଛ ଏବେ,
ତହୁଁ ଗୁରୁତର ନ ହାଲ କେବେହେଁ ।"



ଦୁରନ୍ତ କୁକୁର ।



ଅତି ଦୁଷ୍ଟ ଶ୍ୱାନଟିଏ ବଜାରେ ଘାଟରେ,
ପଛେ ପଛେ ଖେଦି ଜନେ ଦଂଶେ ଅଜ୍ଞାତରେ ।
କୁକୁର ମୁନିବ ଶୁଣି ନାନା ନିନ୍ଦାବାଦ,
ତା ଗଳେ ବାନ୍ଧିଲା ଘଣ୍ଟି ଦେବାକୁ ସମ୍ବାଦ ।
କୁକୁର ଗୁଲିଲେ ଘଣ୍ଟି ବାଜଇ ସୁସ୍ୱରେ,
ଯଶଃ-ପୁରସ୍କାର ଜାଣି ଗୁଲେ ଅଡ଼ମ୍ବରେ ।

---

୧ ବାପୁଡ଼ା—ସାମାନ୍ୟ ଲୋକ ।

ତାର ଗଳ ଅନ୍ତ୍ୟରେ ଏକ ବୃଦ୍ଧ ଶ୍ୱାନ
ପଚାରେ ତାହାକୁ, " କପାଁ ଦେଖାଉ ଏମାନ ?
ଗଳା ବନ୍ଧନରେ (୧) ଯେଉଁ ଘଣ୍ଟି ବନ୍ଧା ଅଛି,
ଖ୍ୟାତ ଉପହାର ନୁହେଁ, କଷ୍ଟେ ଜଣା ଅଛି ।
ଦୂଷିତ(୨) ସ୍ୱଭାବ ଲୋକେ ପ୍ରକାଶ ନିମନ୍ତେ
ଘଣ୍ଟି ବନ୍ଧା ବେକେ ତୋର କର ଏହା ପ୍ରତେ ।"
ଯେଉଁ ପଦ ମନ୍ଦ ଆଚରଣୁଁ ଲୋକ ପାଏ,
ବହୁସ୍ଥଳେ ଯଶଃ ବୋଲି ଭ୍ରମେ ବୁଝିଥାଏ ।



ନିର୍ବୋଧ ଗର୍ଦ୍ଦଭ ।



ବଡ଼ ବିବେକ   ଧନିକ ଏକ
କରି ଦେବମନ୍ଦିର,
ଦେଉଁ ବସାଇ   ପୂଜିବାପାଇଁ
ହୋଇଲ ତତପର ।
ଅତି ସୁଷମା   ଶମ୍ଭୁ ପ୍ରତିମା
କାରିଗରଠୁଁ ଆଣି,

---

୧ ଗଳାବନ୍ଧନୀ-କୁକୁରମାନଙ୍କ ଗଳାରେ ଯେଉଁ ଚର୍ମନିର୍ମିତ ପାଶ ବନ୍ଧା ହୋଇଥାଏ ।

୨ ଦୂଷିତ—ମନ୍ଦ ।

ଗଧ ଉପରେ ଲଦା ପଟ୍ଟରେ
ଯାଉଛି ପଥ ଜାଣି ।
ଗ୍ରାମ ମଧ୍ୟରେ ଯାଉଁ ସତ୍ୱରେ
ପ୍ରତିମା ଦେଖି ଜନେ,
ଶିର ନୁଆଇଁ ଭକ୍ତି ଦେଖାଇ
ନମିଲେ ଶ୍ରଦ୍ଧାମନେ ।

ନିର୍ବୋଧ ଗଧ ଭାବି ଆନନ୍ଦ
ତା ପ୍ରତି ସେହି ଭକ୍ତି,
ଗର୍ବର ଦମ୍ଭେ ନ ଉଠେ ପଦେ
ବଢ଼ିଲା ତାର ମତି ।

ଦେଖି ଏସନ ଧନିକ ମନ
କ୍ରୋଧରେ ଜରଜର,
ଚାବୁକ ଧରି ପ୍ରହାର କରି
ଭାଷଇ ଉତ୍ତର ।

"ମୂଢ଼ ଗର୍ଦ୍ଦଭ ! ଏତେ ସୁଲଭ
କରିଛୁ କାହିଁ ପଥ,
ସେ ଧନ କେବେହେଁ ନ ଅଟେ ତବେ
ନର ପୂଜିବ ଗଧ ।

ଯେଉଁ ସମ୍ମାନ ଅନ୍ୟକୁ ଦାନ
କରନ୍ତି ଜନଗଣ,
ସେମାନେ ମାନି କାହିଁ ଅଜ୍ଞାନୀ
ତୋ ପ୍ରତି ନୁହେଁ ଜାଣ ।"

ଅନ୍ୟ ସ୍ଥାନ ଦେଖି ଯେ ଜନ
ମଣନ୍ତି ନିଜ ପ୍ରତି,
ତାଙ୍କୁ ଅଜ୍ଞାନୀ ନାହିଁ ଅବନୀ
ଭାବଇ ମୋର ମତି ।



ଜଣେ ପୁରୁଷ ଓ ତାହାର ପ୍ରଣୟିନୀଦ୍ୱୟ ।



ଦିଗ୍ଗଜ ଲୋକଟିଏ ଶୁକ୍ଳ କେଶ ଅର୍ଦ୍ଧ,
ଖୋଜି ଦୁଇ କନ୍ୟା ହେଲା ବିବାହେ ଅବଦ୍ଧ ।
ଗୋଟିଏ ଯୁବତୀ, ଅନ୍ୟଟିର ଶୁକ୍ଳ-କେଶ,
ଶୁଣ ତାହାଙ୍କ ଯେଉଁ ରସ ହୋଇଲା ପ୍ରକାଶ ।
ଦୁହିଁଙ୍କର ମନରକ୍ଷାପାଇଁ ସ୍ୱାମୀ ବୃହେଁ,
ତେଣୁ ଯେ ଯାହା କରନ୍ତି ଦେଖି ସ୍ଥିର ଥାଏ ।
ଶୁକ୍ଳକେଶୀ ମନେ ବଡ଼ି ମନରେ ଭାବିଲା,
ନିଜକୁ ମାନ ବିବାହେ ଲଜ୍ଜିତା ହୋଇଲା ।
ତେଣୁ ଛୋଟ ଚିମୁଟାଏ ନିର୍ମାଣ କରାଇ,
କୃଷ୍ଣକେଶ ଖଣ୍ଡି ନିଏ ଏକାନ୍ତେ ବସାଇ ।
ଅନ୍ୟପକ୍ଷେ ଯୁବତୀ ହୋଇ ଈର୍ଷାନ୍ୱିତା,
ଖଣ୍ଡି ନିଏ ଶୁକ୍ଳକେଶ ଦୂର କରି ଚିନ୍ତା ।

ଏହିରୂପେ ପ୍ରତିପାଦନ କରନ୍ତେ ସେ ଦୁହେଁ,
ବୃଦ୍ଧଟି ଚାଙ୍ଗର ହୋଇ ବାହାର ନହୁଏ ।
ସମସ୍ତଙ୍କ ମନରକ୍ଷାପାଇଁ ଯେ ଇଚ୍ଛଇ,
କାହାରି ମନକୁ ରକ୍ଷା କରି ନ ପାରଇ ।



ଦୁଇଗଣ୍ଡା ଓ ଈଗଲପକ୍ଷୀ(୧) ।



ନିଜର ପ୍ରଭୁତ୍ୱ ସ୍ଥାପି ଇଚ୍ଛାରେ
ଗଣ୍ଡା ଦ୍ୱୟ ଯୁଦ୍ଧେ ଦିନେ ବାହାରେ ।
ଲଢ଼ୁ ଲଢ଼ୁ ଏକ ପଳାଏ ହାରି,
ଲୁଚେ ଅନ୍ତରାଳେ ଅଶ୍ରୁ ଛାଡ଼ି ।
ଜିତ ଆନନ୍ଦିତ ଏରୂପ ଦେଖି,
ସଦର୍ପେ ଗାବଇ ଯୁଦ୍ଧ ଉପେକ୍ଷି(୨) ।
ବସିଥିଲା ଉଚ୍ଚ ଗୃହ ଛାତରେ,
ଏ ସବୁ ଈଗଲ ଦେଖେ ଊର୍ଦ୍ଧ୍ୱରେ ।
ସହି ନ ପାରି ସେ ଦ୍ରୁତ ଓହ୍ଲାଇ,

---


୧. ଈଗଲପକ୍ଷୀ—Eagle)ଗୃଧ୍ରଶ୍ରେଣୀ ନାମକ ପକ୍ଷିବିଶେଷ ।

୨-ଉପେକ୍ଷି—ତ୍ୟାଗକରି ।

ଝାମ୍ପି ନେଇଗଲା ନଖ ଲଗାଇ ।
ଫସିଣ୍ଡ ଭୁକ୍ତୁଁ ଦେଖି ଏମନ୍ତ,
ବନରୁ ବାହାରି ଗଲା ତୁରନ୍ତ ।
ନିଜ ଚଞ୍ଚୁ ଘାଏ ଯହୁଁ ଦୋହଲା,
ଅବାଧ ସ୍ୱଜାତି ସେ ବନ୍ଧାରିଲା ।
ଗର୍ବରୁ ପତନ ଜାଣ ନିଶ୍ଚୟ,
ନ କର ଗରବ ବାଳକଚୟ ।



ଛାଗ ଓ ଦ୍ରାକ୍ଷାଲତା ।



ଏକ ଛାଗ ଗଲା ଦ୍ରାକ୍ଷାଲତା ବନ,
ପତ୍ର-ପୁଷ୍ପ-ଫଳେ ଅତି ସୁଶୋଭନ ।
ପ୍ରଚୁର ଅଙ୍କୁର ସୁକୋମଳ ଠାଣି,
ଖାଇଲା ଆନନ୍ଦେ ନିଜ ମନ ଜାଣି ।
ଅଙ୍ଗକ୍ଷୟ ଯୋଗୁଁ ଦ୍ରାକ୍ଷା କହେ ଛାଗେ,
"ବିନା କାରଣରେ କପାଁ ଯାଉଁ ମାର୍ଗେ,
ମୋ ଅଙ୍ଗ ଛେଦନ କରୁଛ ରେ ଦୁଷ୍ଟ,
ତୋ ପାଇଁ କୋମଳ ଦାଘ ଥାଉଁ ସୃଷ୍ଟ ।
କିନ୍ତୁ ଜାଣିଥା ରେ ପ୍ରତିଶୋଧ ପାଇଁ,
ଅପେକ୍ଷା କରିଛି, ବହୁଦିନ ନାହିଁ ।

ଦ୍ରାକ୍ଷାସବ(୧) ଜାତ କରି ମୋର ତନ୍ତୁ,
ତେଣୁ ପାଇଁ ମାନବେ ସମାଦରେ ବହୁ ।
ଦେଖି ସମ୍ମୁଖରେ ତୋ'ତେ ବଳ ଦେଇ,
ତୋ ମାଂସେ ଡାଳିବେ ସେହି ରସ ନେଇ ।
ପ୍ରତିଶୋଧ ସେନା ଏରୂପେ ହୋଇବ,
ବାଳକେ କଦାଚ ଏହା ନ କରିବ ।
ଚନ୍ଦ୍ର ମହିମାକୁ ହୃଦୟରେ ଧ୍ୟାୟି,
ପର ଅନିଷ୍ଟରୁ କ୍ଷାନ୍ତ ହୁଅ ଭାଇ ।



କଙ୍କଡ଼ା ଓ ତାହାର ମା ।



କଙ୍କଡ଼ା-ମା ଦିନେ କହେ ତା ପୁଅକୁ,
"ଟେଳି ଚାଲୁ କିଆଁ ଗୋଟିଏ ପାଖକୁ ?
ସଳଖରେ ପଥ ଚାଲିବୁ ରେ ସୁତ !
ବଙ୍କାଠୁଁ ସଳଖ ବହୁ ଉପଯୁକ୍ତ ।"
ସୁତ ଉତ୍ତରିଲା ଶୁଣି ତାର ବାଣୀ,
"ତୋର ଗିର ମା ଗୋ ! ସତ୍ୟ ବୋଲି ଜାଣି ।
ସିଧା ଚାଲି ଯେବେ ଦେଖାଇବୁ ମୋତେ,
ଅନୁକରଣ ମା ! କରିବି ମୁଁ ତୋତେ ।
ବୃଥା ଅରମ୍ଭରେ ବହୁ ଚେଷ୍ଟା କରି,
ସଳଖେ ଚାଲଇ ମାତା ପଥ ଧରି ।

୧ ଦ୍ରାକ୍ଷାସବ—ଦ୍ରାକ୍ଷା ଫଳର ଅରିଷ୍ଟ ବା ମଦ୍ୟ ।

ନୋହିଲି ମଳଟି ସେହି ବଙ୍କା ଗୁଣ,
ପ୍ରକୃତି ନ ଯାଏ କାହିଁ ଧୋଇଲେ । ।
ବିନା ପ୍ରତିବାଦେ ବଶ୍ୟତା ସ୍ୱୀକାରି,
କଲି ନନ୍ଦା ପାଇଁ ପୁନର ତାହାରି ।
ଉପଦେଶଠାରୁ ଦୃଷ୍ଟାନ୍ତର ବଳ,
ଜାନ୍ତୁ ଅଧିକ ଜାଣିବ ସକଳ ।



ଗୋଟିଏ ବୃଦ୍ଧା ଓ ଶୂନ୍ୟକାଚପାତ୍ର ।



ଏକ ବୃଦ୍ଧା ଦିନେ ଗ୍ରାମେ ଯାଉଥିଲା,
ଶୂନ୍ୟ-କାଚ-ପାତ୍ର ପଥରେ ଦେଖିଲା ।
କେତୁଦିନ ପୂର୍ବେ ସୁଗନ୍ଧ ଅତରେ
ପୂର୍ଣ୍ଣ ଥିଲା ପାତ୍ର ଅତି ଯତନରେ ।
ସରିଗଲା ମଦ୍ଦ ପାତ୍ର ଗଡୁଥିଲା,
ମାତ୍ର ସୁଗନ୍ଧରେ ପଥ ମହକିଲା ।
ବିମୋହିତା ବୃଦ୍ଧା ଅତର ଗନ୍ଧରେ,
ବାରମ୍ବାର ଶୁଙ୍ଘେ ପାତ୍ର ନିକଟରେ ।
ଏପାଖ ସେ ପାଖ ପାତ୍ର ଗଡ଼ାଇଲା,
କାନ୍ତୁ ନାହିଁ ଦେଖି ଏମନ୍ତ କହିଲା ।
"ଆହା କି ସୁଗନ୍ଧ ଅଛି ତ ଶେଷରେ ?
କେଡେ ସୁବାସ ବା ନ ଥିଲା ଅତରେ ?

ଧନଂ ଯେ କପୂର ନେଇ ଯେ ଚଳିଲା,
ସ୍ୱାର୍ଥିଯୁକ୍ତ ଏ ଜନାକୁ ରଖିଲା ।
ସୁକାର୍ଯ୍ୟର ନାମ ରଖିଣ ଜଗତେ,
ଚଳିବେ ସକଳେ ଯେ ଯାହାର ପଥେ" ।



ତୀର ଓ ଈଗଲ ପକ୍ଷୀ ।



ଈଗଲନ୍ତି ବସି ପର୍ବତ ଶିଖରେ,
ଶଶା ଗତି-ପଥ ଦେଖାଇ ସୁଖରେ ।
ଧାଇଲେ ଶଶାଏ କରିବ ଶିକାର,
ତହୁଁ ଅନ୍ୟ ଚେଷ୍ଟା ନ ଥିଲା ତାହାର ।
ଏଣେ ଏକ ବ୍ୟାଧ ପର୍ବତ ପାଦରେ,
ଛପି ଶର ବନ୍ଧେ ଈଗଲ ଉଦରେ ।
ସେ ତୀର ଭେଦିଲା ବକ୍ଷେ ଈଗଲର,
ଗିରି ମାଡ଼ ତଳେ ପଡ଼େ ପକ୍ଷିବର ।
ତହୁଁ ପକ୍ଷୀ ଦେଖେ ସେହି ଶରାଗ୍ରରେ,
ନିଜ ପର¹ ଯୁକ୍ତ ହୋଇଛି ଯତ୍ନରେ ।
କଣ୍ଠୁ କଷ୍ଟ ପୁଣି ବଢ଼ିଲା ଅପାର,
କହଇ ବୁହାଇ ଲୋତକର ଧାର ।


¹ ପର—ପକ୍ଷୀ ବା ପାଲକ ।

"ନାଷ୍ଟେ ମତେ ପ୍ରାଣୀ ଜନ୍ମିଲେ ସଂସାରେ,
ନିୟତ-ବିଧାନ କେ ବା ଲଙ୍ଘି ପାରେ।
କିନ୍ତୁ ମୋର ଦେଖୁଁ ଜାଣ ଯେ ସେ ପରେ,
ଶତ୍ରୁପଣେ ସାଧେଁ, ଦୁଃଖ ଯେ ସୋଦର ।
ନିଜର ଆତ୍ମୀୟ ମିଳି ଶତ୍ରୁଠାରେ,
ସ୍ୱଗୁପ୍ତ ମନ୍ତ୍ରଣା ଖୋଲେ ନିର୍ବିକାରେ ।
ତହୁଁ ଯାହା ଘଟେ ତାହା ହୃଦୟର,
କାରଣ ହୁଅଇ ଦୁଃଖ ଦ୍ୱିଗୁଣର ।"
ହେଜ ହେ ବାଳକେ ଯେହୁ ଏହା କରେ,
ପଶୁଠାରୁ ହୀନ ହୋଇ ସେ ବିଚରେ ।

କାଣୀ ହରିଣୀ ।

ଏକ ଯେ ହରିଣୀ ଥିଲା, ତାର କପାଳ ଫାଟିଲା,
ଫୁଟିଗଲା ଏକ ଚକ୍ଷୁ ଶବରର ଶରରେ,
ଚରୁଥିଲା ଯେତେବେଳେ କ୍ଷେତ ଧାରରେ ।
ହରିଣୀ କଷ୍ଟରେ ଯାଇ ପାଞ୍ଚଇ ଅବାସେ ଥାଇ
"ଆଉ କେଉଁ ସ୍ଥଳେ ମୁହିଁ ରହିବି କେମନ୍ତେ,
ଜଳ ସ୍ଥଳ ମଧ୍ୟେ ଏବେ ବୁଝିବି ନିରତେ ।"
କଣା ଚକ୍ଷୁ ପାଣି ଆଡ଼େ ସୁଚକ୍ଷୁ ବନ ପାହାଡ଼େ
ଦେଇ ଚରେ, ପାଏ ନାହିଁ ଜଳ ପାଖେ ଭୟ,
ଧ୍ୟାନ ଶିକାରୀଙ୍କ ପାଇଁ ସ୍ଥଳେ ଥାଏ ଲୟ ।

ଏକକାଳେ ଭୂପ ଜଣ   କୌଶିକାଖ୍ୟ[1] ବନେ ଭ୍ରମଣ
ପାଇଁ ନାବେ ଆସୁଥିଲେ ଶିକାର ଉଦ୍ଦେଶେ,
ଦେଖି କୂଳେ ହରିଣୀକୁ ବଧିଲେ ନିମିଷେ ।
ଛାଡ଼ିବା ବେଳେ ଜୀବନ   ହରିଣୀ କହେ ଏସନ
"ହତଭାଗିନୀ ମୁଁ ଏତେ ! ସ୍ଥଳକୁ ଆପଦ
ଜାଣି, ପ୍ରବେଶିଲି ଏଥି ଦେଖି ନିରାପଦ ।
ନ ପାରିଲି ଜଳେ ଦେଖି   ମଲି ହୋଇ ନିରିମାଣୀ
ହା ଦଇବ ! ଅଟେ ଏତେ ତୋ ହୃଅ[2] ନିଷ୍ଠୁର
ମଲା ବେଳେ ଭଲ ସବୁ କରି ଦେଉ ଦୂର ।"



ଗଧ କୁକୁଡ଼ା ଓ ସିଂହ ।



ଧାନ ଖଳାରେ   ଏକ ସ୍ଥାନରେ
ଥିଲେ କୁକୁଡ଼ା ଗଧ,
ସିଂହ କ୍ଷୁଧାରେ   ଯାଉ ସେଠାରେ
ଇଚ୍ଛେ ଗଧର ବଧ ।
କୁକୁଡ଼ା ଦେଖି   ବାସ ଉଠେଇ
ଉଚ୍ଚସ୍ୱରେ ଡାକିଲା,

---

୧ କୌଶିକାଖ୍ୟ—ନାବରେ ଯେଉଁମାନେ ଯାଇ ସ୍ୱୀକାର କରନ୍ତି ।

୨ ହୃଅ—ହୃଦୟ ।

ସିଂହ ସେ ସ୍ୱରେ   ଘୃଣାର ଭରେ
ସେ ସ୍ଥାନୁଁ ପଳାଇଲା ।
ଅଛି ପ୍ରବାଦ   କୁକୁଡ଼ା ନାଦ
ଶୁଣଇ ସିଂହ ଯେବେ,
ଘୃଣିତ ମନେ   ପଳାଏ ବନେ
ନ ରହେ ସେଠି କେବେଁ ।
ଗଧ ଜାଣିଲା   "ସିଂହ ଡ଼ରିଲା
କୁକୁଡ଼ା ଡାକ ସ୍ୱରେ,
ତେଣୁ ସାହସ   ବାନ୍ଧି ହରଷ
ଡାକଇ, "ସିଂହ ଅରେ" ।
ଏମନ୍ତ କହି   ପଛେ ଧାବଇ
ସିଂହକୁ ଗଧ ଭଣ୍ଡ,
ସିଂହ ଫେରିଣ   ତାକୁ ଧରିଣ
କଲାଟି ଖଣ୍ଡ ଖଣ୍ଡ ।
ଭ୍ରମ ବିଶ୍ୱାସ   ଘଟିବ ନାଶ
କହି ବିପଦେ ଠେଲେ,
ତାହା ଯେ କରେ   ବିଧିରେ ମରେ
ଭ୍ରମେ ନା ପଡ଼ ବେଲେ ।



ଶିକ୍ଷକ ଓ ଛାତ୍ର ।



ବିଦ୍ୟାଳୟେ ବସି ବାଳକଗଣ,
ପାଉଥିଲେ ଶିକ୍ଷା ସ୍ୱାସ୍ଥ୍ୟସାଧନ ।
ଶିକ୍ଷକ କହନ୍ତି ବାଳକେ ଗୃହିଁ,
"ଯହିଁ ତହିଁ ଛେପ ପକାଅ ନାହିଁ ।
ବାସଗୃହ ସଦା ସଫା ରଖିବ,
ସବୁବେଳେ ସଫା ବସ୍ତ୍ର ପିନ୍ଧିବ ।
ଦେହ ସଫା ରଖ ସୁଖାଦ୍ୟ ଖାଅ,
ମାଦକ ସମ୍ପର୍କେ ମେଣ୍ଟେ ନ ଯାଅ ।
ଦେହ ସୁସ୍ଥ ରହେ ବ୍ୟାୟାମ କଲେ,
ସନ୍ଧ୍ୟା ବା ସକାଳେ ଥରେହେଁ ହେଲେ ।
ଉତ୍ତମ ବାଳକ ଏହା କରଇ,
ନ କଲେ ନିତାନ୍ତ ଘୃଣ୍ୟ ହୁଅଇ ।"
ମାତ୍ର ଦେଖାଯାଏ ଇହ ଜଗତେ,
ଉପଦେଶଦାତା ମିଳନ୍ତି କେତେ ।
କାର୍ଯ୍ୟ କରିବାର ଲୋକ ବିରଳ,
'ବାକ୍ୟବୀର' ବୋଲି ଖ୍ୟାତି କେବଳ ।
ବାଳକେ ନ ଧର ତାହାଙ୍କ ପନ୍ଥା,
ମହତ ଆଦର୍ଶ ଧର ସର୍ବଥା ।



ହେଟାବାଘ ଓ ଘୋଷାକୁକୁର ।



ଏକ ହେଣ୍ଟାବାଘ　　କରୁଣ ସ୍ୱରଗ
ଧୀରେ ବନୁଁ ବାହାରିଲା,
ଗ୍ରାମ ମଧ୍ୟେ ପଶି　　ମନେ ମନେ ହସି
ଘୋଷାକୁକୁରେ ପୁଚ୍ଛିଲା ।
"ହୃଷ୍ଟ ପୁଷ୍ଟ ତୋର　　ଦେଶେ କଳେବର
କେ ତୋତେ ଖୁଆଏ ଏତେ ?
ପୁଣି ବାନ୍ଧ କରେ　　ଲୌହ ଜଞ୍ଜିରରେ
ଜଗିବାକୁ କହେ କେତେ ।
"ମୁନିବ ମୋହର"　　କହୁଁ ଶ୍ୱାନବର,
ହେଣ୍ଟା କହେ ତଥ୍ୟବାଣୀ,
ଏ ଯାତନା ହେଉ !　　ସହୁଛୁ କାପାଇଁ
ଖାଉ ନାହୁଁ ଟେମେ ଆଣି ?
ନ ପାରୁଛୁ ଯେବେ　　କ୍ଷୁଧା ସହୁ ତେବେ
ଏ ହରଠାରୁ ସେ ଭଲ,
ପରକୁ ନିର୍ଭର　　ବାଳକେ ନ କର
ତୁମ୍ଭ ପ୍ରତି ତାହା ଫଳ[1] ।



୧ ଫଳ—ନୀତୀନ୍ତୁ ଅହୃତ ।

ଶୃଗାଳ ଓ ସିଂହ ।



ଏକ ଶୃଗାଳ ଦୈବେ ବନେ,
ଭେଟିଲା ସିଂହକୁ ସ୍ୱପନେ ।
ସିଂହକୁ ପ୍ରଥମେ ଦେଖିଲା,
ଭୟେ ତା ଚେତନା ହଜିଲା ।
ଅଛି କି ନାହିଁ ଦେହେ ପ୍ରାଣ,
କହିଲା, "ରକ୍ଷ ଜନ୍ତୁରାଣ" ।
ସେଦିନ ଏମନ୍ତ ହୋଇଲା,
ପୁନଶ୍ଚ ବନେ ସେ ଭେଟିଲା ।
ତଥାପି ଭୟେ ଥର ଥର,
କଲୁ ପ୍ରଥମୁଁ ଅଳ୍ପତର ।
ତୃତୀୟବାର ପଥେ ଦେଖି,
ହୃଦରୁ ଭୟ ସେ ଉପେକ୍ଷି ।
ଅତି ସାହସେ ସିଂହ ପାଶେ,
କହିଲା ମନର ଉଲ୍ଲାସେ ।
"ସବୁ ତ ଭଲ ଅଛି, ଭାଇ !
ଅନେକ ଦିନୁଁ ଦେଖା ନାହିଁ ?"
ଏରୂପେ କର ବନ୍ଧୁଭାବ,
ଚଳେ ନ ଜାଣି ତା ପ୍ରଭାବ ।
କରେ ଯେ ଅତି ପରିଚୟ,
ଗୌରବ ହୁଏ ତାର କ୍ଷୟ ।



ଛେଳିଛୁଆ ଓ ହେଟାବାଘ ।



ଏକ ଛେଳଛୁଅ ଦିନେ ନ ରହି ଯୂଥ ସଙ୍ଗେ,
ଡେଇଁ ଡେଇଁ ପଳାଇଲା ଘୋର ବନ ଅନ୍ତେ
ଅଗ ପଛ ନ ଚିନ୍ତିଲା,
ଦେଖି ହେଟାବାଘ ତାହା ପଛେ ଗୋଡ଼ାଇଲା ।
ନିଶ୍ଚେ ମୃତ୍ୟୁ ଜାଣି ଛେଳ ବୁଦ୍ଧି ପାଇ କହେ,
"ପ୍ରଭୋ ! ମୁହିଁ ତବ ଖାଦ୍ୟ ଶାସ୍ତ୍ରେ ଲେଖା ରହେ,
କିନ୍ତୁ ମରିବା ପୂର୍ବରୁ,
ଏହି ଭିକ୍ଷା କରେଁ ଦୟା ହେଉ ହୃଦୟରୁ ।"
ନିଶ୍ଚୟ ଏ ଖାଦ୍ୟ ତାର ଭାବି ହେଟା କହେ,
"ଶୀଘ୍ର ମାଗ ଯାହା ଦେବି ବିଳମ୍ବ ନ ସହେ ।"
ଛାଗ କହେ "ଦୟା ଯେବେ,
ବ୍ୟାଧତ୍ୟକ୍ତ୧ ଏହି ତୁରୀ ବଜାଉନ୍ତୁ ଏବେ ।
ମନ ଶାନ୍ତ ହେବ ମୋର ତୁରୀବାଦ୍ୟ ତାନେ,
ନାଚିବି ମୁଁ ତବ ଆଗେ ଉପଯୁକ୍ତ ମାନେ ।"
ଅନୁମତି ଦେଇ ହେଟା,
ତୁରୀ ନାଦ କରୁଁ ଛେଳି ନାଚେ ତାତା-ଥେଠା ।

୧ପୂର୍ବକାଳରେ ବନରେ ଯେଉଁମାନେ ଶିକାର କରନ୍ତି, ସେମାନେ ବନରେ ପଥଭ୍ରଷ୍ଟ ଶିକାରି କୁକୁରମାନଙ୍କୁ ଜଣାଇବା-ପାଇଁ ତୁରୀ ନାମକ ବାଦ୍ୟଯନ୍ତ୍ର ବଜାନ୍ତି ।

ବ୍ୟାଧ ତୂର୍ଣ୍ଣନାଦେ ଆସି ଶିକାରୀ କୁକୁରେ,
ଦେଖିଲେ ଏ ହାସ୍ୟପ୍ରଦ କାଣ୍ଡ ଯେ ଅଦୂରେ,
ତେଣୁ ତଡ଼ିଲେ ବାଘକୁ,
ଡରେ ପଳାଇଲା ହେଣ୍ଠା ଦୋର ଅରଣ୍ୟକୁ ।
ପଳାଇବା ବେଳେ କହେ ଛେଳିକୁ ଅନାଇଁ,
"ପାଇଅଛି ଯଥା କାର୍ଯ୍ୟ ତଥା ଫଳ ଭାଇ,
କଂସାଇର କାର୍ଯ୍ୟ ଛାଡ଼,
ସନ୍ତୋଷ ବିଧାନେ ତୋର ହେଲା ତୂର୍ଣ୍ଣ-ଧାର୍ଯ୍ୟ ।"
ଏହା କହି ହେଣ୍ଠାବାଘ ଅତି ବେଗେ ଚଳେ,
ଦୀନ ଛେଳିଛୁଆ ସର୍ବେ ଯେଝା ବାଟେ ଗଲେ,
ବନ୍ଧୁ ! ଶୁଣ ଦେଇ ମନ,
କର୍ତ୍ତବ୍ୟ ଛାଡ଼ିଲେ ଲୋକେ ଝୁଅନ୍ତି ଏସନ ।



ଓଧ ଓ ଭୁଆବିରାଡ଼ି ।

—❋—

ଏକ ଗ୍ରାମେ ଥିଲା ଗୋଟିଏ ଓଧ,
ଖାଏ ବହୁ ମତ୍ସ୍ୟ ହୋଇ ସଶ୍ରଦ୍ଧ ।
ଜଳେ ସ୍ଥଳେ ସୁଖେ କରେ ବିହାର,
ମାଛ ଧରି କରେ ମୂଳେ ଆହାର ।

ଛୁଆଁ ବିରାଡ଼ଏ ଦଇବ ବଳେ,
ମିଳିଗଲା ଓଧ ଥାଏ ଯେ ସ୍ଥଳେ ।
ଦେଖି ତାକୁ ଓଧ ଅତି ସ୍ନେହରେ,
ସଙ୍ଗାତ ବସିଲା ତାହା ସଙ୍ଗରେ ।
ରଖାଇଲା ତାକୁ ତହିଁ ସେ ଦିନ,
ବନ୍ଧା ହୋଇ ଗଲା ସେ ଅରଦିନ ।
ଧନେ ଓଧ ମିଳେ ବିରାଡ଼ି ପାଶେ,
ଦୁଇଦିନ ତହିଁ ରହିବା ଆଶେ ।
ଦେଖେ ଦୁଃଖେ ଅଛି ମିତ ତାହାର
ଯେଣୁ ଘରେ ନାହିଁ କିଛି ଆହାର ।
କହେ ଓଧ "ମୋର ସଙ୍ଗରେ ଭାଇ,
ଏ ସ୍ଥାନ ଛାଡ଼ିଣ ଆସ ପଳାଇ ।
ଧରିବ ଯେ ମାଛ ଜଳରେ ପଶି,
ସୁଖରେ ଖାଇବ ସ୍ଥଳରେ ବସି ।
ଏହିରୂପେ ଓଧ ସଙ୍ଗେ ବିରାଡ଼ି,
ବାଇ ହୋଇଗଲା ତା ବାସ ଛାଡ଼ି ।
ଓଧ ନେଇ ତାକୁ ଜଳେ ପଶଇ,
ଭୁଆଁ ପାଣି ପିଇ ବୁଡ଼ି ମରଇ ।
ବଡ଼ ଲୋକଙ୍କର ସବୁ ସୁବିଧା,
ଛୋଟ ଲୋକ ପାଏ ସର୍ବଦା ବାଧା,
ଏଣୁ ବଡ଼ ସଙ୍ଗେ ସଙ୍ଗ ନୋହିବ,
ଆପଣା ଅବସ୍ଥା ବୁଝି ଚଳିବ ।



ଗର୍ବୀ ପର୍ଯ୍ୟଟକ ।



ବାଲ୍ୟ-ଶିକ୍ଷା[୧] ଏକ ବନ୍ଧୁ ବିଦେଶେ,
ଭ୍ରମି ପାଞ୍ଚବର୍ଷ ଗୃହେ ପ୍ରବେଶେ ।
ପାଖ ପଡ଼ଶୀଙ୍କୁ ଡାକି ସତ୍ୱରେ,
ଅଦ୍ଭୁତ ଘଟଣା ବଖାଣେ ଅଗ୍ରେ ।
ଶୁଣିଥିଲା, ଦେଖି ଥିଲା ବା ଯାହା,
କରିଥିଲା ପୁଣି କହଇ ତାହା ।
"ଥିଲି ଯେତେବେଳେ ରୋଡ଼ସ[୨] ଠାରେ,
ଡେଇଁଥିଲି ଏତେ ଏକା ହୁଁକାରେ ।
ତହୁଁ ମୁଁ ଦେଖିନ୍ତି ଲୋକ ସେ ସ୍ଥାନେ,
ନ ପାରନ୍ତି ଡେଇଁ ମୋର ସମାନେ,
ତେଣୁ ବିଶେଷରେ ଖ୍ୟାତି ମୋହର,
ରଟୁଥିଲା ତହିଁ ଦିବା ଶର୍ବରୀ ।
ଅବିଶ୍ୱାସ ଯେବେ କରହେ ଭାଇ,
ଗଲେ ତହିଁ ସାକ୍ଷୀ ଦେବେ ଅଣାଇ !
ଦେଖିବ ସେମାନେ କହିବେ ସତ,
ବହୁତ ମୋ କାର୍ଯ୍ୟ କରି ବ୍ୟକତ ।
ଶୁଣୁଥିବା ଲୋକ ଜଣେ କହିଲା,

---

୧ ଶିକ୍ଷା— ଚେଷ୍ଟା ।
୨—ରୋଡ଼ସ-(Rhodes) ଭୂମଧ୍ୟସାଗରର ଏକ ଦ୍ୱୀପ ।

"ଯଦି ତୁମ୍ଭ ବାଣୀ ସତ୍ୟ ଅଟଇ ।
କି ପ୍ରୟୋଜନ ବା ଅଛେ ଯାଞ୍ଚରେ,
ଦେଖିଲେ ଜାଣିବୁଁ ଆମ୍ଭ ଆଗରେ ।
ରୋଡ଼ସ ଭାବଣ ଡିଆଁ ଏ ସ୍ଥାନେ, ।„
ରହିଥିବ ଏଥି ସଦା ସମ୍ମାନେ ।"
ଶୁଣି ଲଣ୍ଡ ଭଣ୍ଡ ହେଲା-ବଗୁଡ଼ି,
କି କହିବ ଆଉ ନାହିଁତ ଯୁକ୍ତି ।
ନିଜ ଖଞ୍ଜ ଗୋଡ଼ ଦେଖାଇ କହେ,
"ନ ପାରିବି, ବଡ଼ ଦରଜ ରହେ ।"
ହସିଲେ ଶୁଣିଣ ଉଚ୍ଚେ ସମସ୍ତେ,
ପଳାଇ ସେ ଖଞ୍ଜ ରହେ ଗୁପ୍ତେ ।
ଅସମ୍ଭବ କଥା ସତ୍ୟ ହେଲେହେଁ,
ନ କହିବ ଜାଣ କାହିଁ କେବେହେଁ ।



ନଦୀ ଓ ସମୁଦ୍ର ।

ଦିନେ ନଦୀମାନେ ମିଳି ଏକସ୍ଥାନେ
ସାଗରେ ଆସି କହନ୍ତି,
"କେତେ ସତ୍ୱରରେ ମିତ୍ର ତୋର ଠାରେ
କାହିଁ ଦେଖାଉ ବିରକ୍ତି ?
ସ୍ୱଚ୍ଛ ସ୍ୱାଦୁ ଜଳ ଆହା ! କି ନିର୍ମଳ
ତୋର ସଙ୍ଗେ ମିଳିଗଲେ,
ଦସ୍ୟୁ ତୁ ନ ନିନ୍ଦୁ ଲବଣି କରି ଦେଉ
ନ ଛୁଅନ୍ତି କେହି ଜଳେ ।"
ଶୁଣି ନଦୀ ବାଣୀ ସମୁଦ୍ର ବଖାଣି
ଚିନ୍ତିଣି ତାହା ମନରେ,
"କେତେ ଉପକାର କରେଁ ଏହାଙ୍କର
ଦୋଷୀ କରନ୍ତି ମୋହରେ
ତେଣୁ ସେ ବିମୁଖୀ କରି ମନ ଦୁଃଖୀ
କହଇ ନଦୀ ମାନଙ୍କୁ,
"କରିଣ ପ୍ରାର୍ଥନା କରୁଅଛି ମନା
ନ ଆସ ମୋର ପାଶକୁ ।"
କୃତଘ୍ନ କେତେକ ଏତେ ଅବିବେକ
ଯାହାଠୁଁ ଯେ ଉପକାର,
ପାଇ ଭୁଲିଯାନ୍ତି, ପୁନଃ ନିନ୍ଦନ୍ତି,
ଛି ! ଛି ! ତାଙ୍କ ନା ନ ଧର

—※—

ଧନୀଲୋକ ଓ ଚର୍ମ-ସଂସ୍କାରକ ।

ଏକସ୍ଥାନେ ଏକ ଧନୀ ଥିଲେ ନିଜବାସେ,
ଚର୍ମ-ସଂସ୍କାରକ ଜଣେ ଥିଲେ ତାଙ୍କ ପାଶେ ।
ଚର୍ମର ଦୁର୍ଗନ୍ଧ ପାଇ ଧନୀ ଡାକି ତାକୁ,
ଆଦେଶିଲେ, "ଛାଡ଼ି ଯାଅ ବେଗେ ଅନ୍ୟଠାକୁ ।"
ଚର୍ମ-ସଂସ୍କାରକ ହଁ ହଁ ମାତ୍ର ତା କଥାରେ,
ନ ଯାଇ ଥାଏ ସେ ରହି ଧନୀ ଅନିଚ୍ଛାରେ ।
ଏହିରୂପେ ଧନୀ ତାକୁ କହେ ଥରେ ଥରେ,
ଅଳ୍ପ କାଳ ଯିବ କହି ରହେ ସେ ସ୍ଥାନରେ ।
ଚର୍ମ ଦୁର୍ଗନ୍ଧରେ ଧନୀ କ୍ରମେ ହେ ଅଭ୍ୟସ୍ତ,
ତେଣୁ ସେ ନ କହେ କିଛି ତାକୁ ହୋଇ ବ୍ୟସ୍ତ ।
ସହିଗଲେ ସହ୍ୟ ହୁଏ ଯେତେ ଅଛି ଦୁଃଖ,
କାଳକେ ସହିବ ତାକୁ ନ ହୋଇ ବିମୁଖ ।



ଭବିଷ୍ୟତ ବକ୍ତା ।



ବଜାର ବାଟରେ ବସି ଜଣେ ଠକ କେହୁ,
ବାଟୋଇଙ୍କି ଭବିଷ୍ୟତ କଥା କହେ ଫେଇ ।
ଏହୁକାଳେ ଏକ ଲୋକ ଧାଇଁ ଧାଇଁ ଆସି,
କହେ ତାକୁ ତାର ଘର ଚୋର ଗଲେ ନାଶି ।
ଶୁଣି ଭବିଷ୍ୟତ-ବକ୍ତା ଗଲେ ତରତରେ,
କେହୁ ଜଣେ ହସି ହସି କହେ ଉଚ୍ଚସ୍ୱରେ ।
"ଭବିଷ୍ୟତ କଥା ଯେହୁ ନ ଜାଣି ନକର,
ଭଣ୍ଡାଏ ଲୋକଙ୍କୁ, ତାକୁ ବିଶ୍ୱାସ ନ କର ।"



ପିତା ଓ ପୁତ୍ର ।



ଦୁରନ୍ତ ଚତୁରେ ପୁତ୍ର ଥିଲେ ଜଣକର,
ସର୍ବଦା କଳହେ ଲିପ୍ତ ଥାନ୍ତି ପରସ୍ପର ।
ଦେଖି ଦେଖି ତାହା ବୃଦ୍ଧ ବ୍ୟାକୁଳ ହୋଇଲେ,
ରୋଗଶଯ୍ୟାଶାୟୀ ହୋଇ ପୁତ୍ରଙ୍କୁ କହିଲେ ।
"ଏକ ଗୋଛ କାଠ ବାନ୍ଧି ଅଣରେ ବହନ,
ଭାଙ୍ଗ ଜଣେ ଜଣେ ଦେଖେଁ କେତେ ବଡ଼ପଣ ?
ଏ ଆଦେଶ ପାଇ ସେବେ ମନ ହରଷରେ,
କାଠ ଆଣି ଥୋଇଲେ ପିତାଙ୍କ ପାର୍ଶ୍ୱରେ ।

ନ ଭାଙ୍ଗି ପାରନ୍ତେ କାଠ ବୃଦ୍ଧ କହେ ତାଙ୍କୁ,
"ଫିଣ୍ଡି ଖଣ୍ଡି କରି ଭାଙ୍ଗ ଦେଖେଁ ପାରିବକ ?"
ଏହା ଶୁଣି ଖଣ୍ଡି ଖଣ୍ଡି କରି କାଠ ସବୁ,
ଭାଙ୍ଗିଦେଲେ ସହଜରେ ଦେଖାଇଣ ଗର୍ବ ।
ତାହାଁ ପିତା ଦେଖି ତାହା ଦେଲେ ଉପଦେଶ,
"ନ ବହିବ ପରସ୍ପରେ ମନେ ହିଂସା ଲେଶ ।
ଯେପର୍ଯ୍ୟନ୍ତ ତୁମ୍ଭେମାନେ ଏକତ୍ର ରହିବ,
କେହି ଶତ୍ରୁ କେବେ ତୁମ୍ଭ ଗୃହ ନ ଭେଦିବ ।
ଯେଉଁଦିନ ତୁମ୍ଭେମାନେ ହେବ ଭିନ୍ନ ଭିନ୍ନ,
ନାଶିବେ ପରଦ୍ରୋହୀମାନେ ଶତ୍ରୁ ପାଇ ଛିଦ୍ର ।"
ଏହା କହି ବୃଦ୍ଧ ବେଗେ ମୁଦିଲେ ନୟନ,
ରହିଲେ ଭାଇଏ ସଦା ହୋଇ ଏକମନ ।



ଭକ୍ଷିତପକ୍ଷୀ ଓ ତାହାର ଶାବକଗଣ ।



ପ୍ରାରମ୍ଭ ବସନ୍ତ ସମୟେ
ଶୋଭେ ମେଘ କ୍ଷେତରେ,
ଅପକ୍ୱ ଗୋଧୂମ ଯବାଦି
ହେଲେ ଫୁଲେ ଗଛରେ ।

ତହିଁ ମଧ୍ୟେ ଏକ ଭରତ—
ପକ୍ଷୀ ନୀଡ଼ ନିର୍ମାଣି,
ଛୁଆ କରି ଯତ୍ନେ ବଢ଼ାଏ
ଦେଇ ଆହାର ଆଣି ।
ଏବେ ଶସ୍ୟମାନ ପାଚଣ
ଝୁଲେ ନୁଆଇଁ ମଥା,
ମହତଜନଙ୍କ ସ୍ୱଭାବ
ଧନ ପାଇଲେ ଯଥା ।
ଏ ସମୟେ ପକ୍ଷିଶାବକ
ଡେଣା ପର ପାଇଣ,
ସୁଖେ ଖେଳୁଥିଲେ ପଦାରେ
ଖଣ୍ଡି ଉଡ଼ା ଦେଇଣ ।
କ୍ଷେତ୍ର-ପତି ପୁତ୍ର ସହିତ
ଧନେ ଦେଖି ସ୍ୱକ୍ଷେତ୍ର,
ଅନନ୍ଦିତ ହୁଏ ଯେଣୁ ତା
ସିଦ୍ଧ ଦେଖି ଅନ୍ନଶ୍ରେଷ୍ଠ ।
ଆଜ୍ଞା ଦଏ ଗୃହେଁ ପୁତ୍ରକୁ,
"ପ୍ରତିବାସୀ ସକଳେ,
ଡାକି ଆଣିବୁରେ ବାବୁ ତୁ
କାଲି କାଲି ସଅଳେ ।
ଏ ଶସ୍ୟ କର୍ତ୍ତନ ପାଇଁ ସେ
ମିଳି ଆମ୍ଭ ସହିତ,
କାମ ସାରି ଦେବେ ଚଞ୍ଚଳ
ହେବ ବହୁତ ହିତ ।"

ଶୁଣି ପୁତ୍ର କହନ୍ତି "ଯେ ଆଜ୍ଞା"
ତୁମ୍ଭେଁ ଫେର ଅଇଲେ,
ପରିଶ୍ରମ ଶାନ୍ତି ନିମନ୍ତେ
ସୁଖେ ଗୃହେ ରହିଲେ ।
ଶୁଣିଥିଲେ ପକ୍ଷୀଶାବକ
ବାପ ପୁଅଙ୍କ ବାଣୀ,
ମାତା ପ୍ରବେଶନ୍ତେ ସନ୍ଧ୍ୟାରେ
ଏକ କହେ ବଖାଣି ।
ସ୍ଥାନାନ୍ତରେ ନେଇ ଯିବାକୁ
ସର୍ବେ ହେଲେ ବିନୟୀ,
ଶୁଣି ମାତା ହସି ଛୁଅଙ୍କୁ
ଏହା କହି ବୋଧଇ ।
"ହୋଇ ନାହିଁ ବେଳ ଯିବାକୁ
କିପାଁ ଭାବୁଛ ଦୁଃଖେ,
ସତେ କି ଆସିବେ ପଡ଼ୋଶୀ
ରହିଥାଅ ରେ ସୁଖେ ।"
କେତେଦିନ ପରେ କୃଷକ
ପୁଣି କ୍ଷେତରେ ପଶି,
ଦେଖଇ ପାଚିଲା ଗହମ
ଗଛୁଁ ପଡୁଛି ଖସି ।
ବାପ ପୁଅ ଅତି ବିରସେ
କଥାବାର୍ତ୍ତା ହୋଇଲେ,
"ନିଜେ କାଲି ଆସି କାଟିବା"
ଏହା ପକ୍ଷୀ ଶୁଣିଲେ ।

ମାତା ପ୍ରବୋଧନ୍ତେ ସୁପୁତ୍ରେ
ତରଙ୍ଗରେ କହନ୍ତି,
"କାଲି ଅଧି ନିଜେ କାଟିବେ
ଚାଲି ଯିବା ଝଟିତି ।
ଏବେ ଏ ସ୍ଥାନକୁ ଛାଡ଼ିବା—
ବେଳ ହେଲ ଧାଷ୍ଟ୍ୟ,
ଯର ନାର୍ଡିରକୁ ଛାଡ଼ିଲେ
ଯେଣୁ ପିତା ତନୟୁ ।"
ଏହା ଭାବି ସର୍ବେ-ଚାଲିଲେ
ଧୀରେ ଅନ୍ୟ ସ୍ଥାନକୁ,
ବାପ ପୁଅ ସ୍ୱୀୟ କାହିଣ
ନେଲେ ନିଜ ବାସକୁ ।
ଆତ୍ମନିର୍ଭରରେ କାମନା
ସଦା ହୁଏ ସଫଳ,
ପରକୁ ଅନାଇ ରହିଲେ
ଜାଣ କାର୍ଯ୍ୟ ବିଫଳ ।



ଠେକୁଆ ଓ ସିଂହ ।



ଦିନେ ହୋଇଥିଲା ପଶୁସମାଜ,
ସଭାପତି ଥିଲା ଯେ ପଶୁରାଜ ।
ପ୍ରତ୍ୟେକେ କହନ୍ତି ନିଜ ବକ୍ତବ୍ୟ,
ଠେକୁଆ ପ୍ରକାଶେ ଏହି ମନ୍ତବ୍ୟ ।
"ସଂସାର ମଧ୍ୟରେ ସର୍ବେ ସମାନ,
ଏକା ଈଶ୍ୱରଙ୍କ ସମ ସନ୍ତାନ ।
ସାନ ବଡ଼ ଅଉ ନ ଧରି ଚଳ,
ରାଗ ଭେଦେ ଆଉ ନୋହୁ କନ୍ଦଳ ।
ନିଜ ମାପେ ସବୁ ବୁଦ୍ଧି ରଖିବ,
ଅବଶିଷ୍ଟ ଯେତେ ଅନ୍ୟେ ବାଣ୍ଟିବ ।
ଅଭାବ ନ ହେବ କାହାର କେବେ,
ତେବେ ସିନା ସର୍ବେ ସମାନ ହେବେ ।"
ଏହା ଶୁଣି ଏକ ସିଂହ କହଇ,
"ଠେକୁଆର କଥା ସତ୍ୟ ଅଟଇ ।
ସବୁ ବାଣ୍ଟା ବଣ୍ଟି ହେବ ଏଥର,
ଦାନ୍ତ ନଖ କିଏ ନେବ ଆମର ?"



କୁକୁର ଓ ବିଲୁଆ ।



କେତେ କୁକୁର ମିଳି ଏକାନ୍ତରେ,
ପାଇ ସିଂହଚର୍ମେ ଝୁଣନ୍ତି ଦନ୍ତରେ ।
ଖଣ୍ଡ ଖଣ୍ଡ କରି ନେଇ ଏକ ଏକ,
ଖେଳନ୍ତି ଆନନ୍ଦେ ଦେଖାଇଣ ଠେକ ।
ଏହା ଦେଖି ଏକ ବିଲୁଆ କହଇ,
"ଏହି ସିଂହ ଚର୍ମ ନିର୍ଜୀବ ଅଟଇ ।
ଏ ଯାହା ଚର୍ମ ସେ ବଞ୍ଚି ଯେବେ ଥାନ୍ତା,
ଦେଖନ୍ତି ତୁମ୍ଭଙ୍କୁ କେଡ଼େ ବଳବନ୍ତା ।
ତାର ନଖାଠାରୁ ନିଷ୍ଟେଁ ତୁମ୍ଭ ଦନ୍ତ,
ହୁଅନ୍ତା ଅଟକ୍ତ ରେ ମୂର୍ଖ ! ଦେଖନ୍ତ ।"
ବଳୀ ଯେବେ ଦୈବେ ନିର୍ବଳ ହୁଅଇ,
ନୀଚ ଜନ ତାକୁ ଏରୂପେ ନାଶଇ ।



ଦୁଇ ଥଳୀ ।



ଶୁଣ ବନ୍ଧୁ ! ଏକ ଅଦ୍ଭୁତ କାହାଣୀ,
ପୁରାବୃତ୍ତେ(୧) ଯାହା ଅଛି କହେଁ ଜାଣି ।
"ସମସ୍ତେ ଲୋକ ଛନ୍ତି ଜଗତ ମଧ୍ୟରେ,
ଦୁଇ ଥଳୀ ଝୁଲେ ପ୍ରତ୍ୟେକଙ୍କ କନ୍ଧରେ ।
ଛୋଟ ଥଳୀଟିଏ ସମ୍ମୁଖରେ ବହେ,
ପଛଦାପଟେ ମୁଣ୍ଡ ପୁଣି ଝୋଲା ରହେ ।
ମଣିଷଙ୍କେ ବଡ଼ ଥଳୀକି ଝୁଲାଇ,
ରଖିଥାଏ ନିଜ ଦୋଷକୁ ଲୁଚାଇ ।
ତେଣୁ ପର ଦୋଷ ଦେଖି କହେ ମନ୍ଦ,
ନିଜ ଦୋଷ ପ୍ରତି ସଦା ଥାଏ ଅନ୍ଧ ।



ଜଣେ ଅନ୍ଧ ଓ ଗୋଟିଏ ହେଣ୍ଟାବାଘ ଛୁଆ ।



ଅନ୍ଧଟିଏ ଥିଲା ବଡ଼ ସେ ଚତୁର,
ଗନ୍ଧେ ସ୍ପର୍ଶେ ଚିହ୍ନେ ସକଳ ଜନ୍ତୁର ।
ହେଣ୍ଟାଛୁଆ ଏକ ଅଣାଗଲା ପାଶେ,
କି ଜନ୍ତୁ ସେ ଅଟେ ଚିହ୍ନିବା ସକାଶେ ।

---

୧ ପୁରାବୃତ୍ତେ—ଇତିହାସରେ ।

ନିଜ ହାତ ଅଙ୍କ ବୁଲାଇ ତା ଦେହେ,
କହେ ଏହି କଥା କମ୍ପିତ ସନ୍ଦେହେ ।
"ହେଠା ବା ଶୃଗାଳ ହୁଆରୁ ଏ ଏକ,
ଏ ଦୁଇ ପଦରୁ ବୁଝେ ଏ ଅନେକ ।
ଯାହା ହେଉ ପଛେ କହୁଛି ତୁମ୍ଭଙ୍କୁ,
ମେଣ୍ଢା ହେଲେ ପଛେ ନ ରଖ ଦୁଷ୍ଟଙ୍କୁ ।
ଦୁଇପଦଙ୍କୁ ପିନା ତୁଳସୀ ବାସଇ ।
ବାକ୍ୟଅଛି ନିଜ ଗୁଣ ପ୍ରକାଶଇ ।"
ପ୍ରାରମ୍ଭ ଜୀବନେ ଦୁଷ୍ଟ ଶାନ୍ତ ଗୁଣ,
ଜଣା ପଡ଼େ ସର୍ବ ଦେହ ବାଳକେ । ଶୁଣ ।



ସିଂହଚର୍ମାବୃତ ଗର୍ଦ୍ଦଭ ।



ଶୁଷ୍କ ଲାଗିଥିବା ଯଦ୍ୟ ସିଂହ ଚର୍ମେ,
ଗର୍ଦ୍ଦଭ ପାଇଲା ବୁଲୁଁ ବୁଲୁଁ ବନେ ।
ଆପଣା ଶରୀରେ ଘୋଡ଼ାଇ ତାହାକୁ,
ଡରାଏ ବନରେ ଦେଖଇ ଯାହାକୁ ।
କେତେକ ନିର୍ବୋଧ ରୂପ ତାର ଦେଖି,
ଭୟରେ ପଳାନ୍ତି ସେ ସ୍ଥାନ ଉପେକ୍ଷି ।

ପଥେ ଯାଉଁ ଯାଉଁ ଦେଖିଲେ ଶୃଗାଳେ,
ଗଧ ରବ ଦେଇ ତା ଆଗେ ଓଗାଳେ ।
ରବ ଶୁଣି କହେ ଶୃଗାଳ ବୁଦ୍ଧିଆ,
"କର୍ପା ଗଧ ତୁ ରେ ହୋଇଅଛୁ ଠିଆ ?
ତୋ ରବ ଶୁଣି ମୁଁ ତୋତେ ଚହ୍ନିଲିଣି,
ରବ ନ ଥିଲେ ବା ଡରେ ପଲାନ୍ତୁନ ।
'ଲମ୍ବଶାଟପଟାବୃତଃ'(୧) ଥିଲେ ମୂର୍ଖ,
ଚହ୍ନା କି ନ ଯାଏ ଫିଟିଲେ ତା ମୁଖ ?"
ପ୍ରକୃତି ନ ଲୁଚେ ଛଦ୍ମବେଶୀ(୨) ହେଲେ,
ଚହ୍ନିର(୩) ତାହାକୁ ଚହ୍ନିଦଏ ହେଲେ ।

କପୋତ ଓ କାକ ।

ରନ୍ଧାଘରେ ଜଣେ ଦୁଦ୍ଧର୍ଷୀ ଧନୀ,
ରଖିଥିଲା ଯତ୍ନେ ପିଞ୍ଜରାରେ ଆଣି ।
କିଛିଦିନେ ଘୁଘୁ ଗୃହ କରି ତହିଁ,
ସଗର୍ବେ ପିଞ୍ଜରା ମଧ୍ୟେ ଘୁମୁରଇ ।

---

୧ ଲମ୍ବଶାଟପଟାବୃତ—ଲମ୍ବା ବସ୍ତ୍ର ପିନ୍ଧିଥିବା ଲୋକ ।
୨ ଛଦ୍ମବେଶୀ—କପଟବେଶଧାରିଣକାରୀ, ଯେ ଆପଣାର ପ୍ରକୃତ ରୂପକୁ ଲୁଚାଇବା ମାନସରେ ଅନ୍ୟ ରୂପ ଧାରଣ କରେ ।
୩ ଚହ୍ନିର—ଚତୁର, ଯେ ପ୍ରକୃତ ବସ୍ତୁର ଗୁଣ ଚହ୍ନି ପାରଇ ।

ଏହା ଦେଖି କାକ କହଇ କରୋଳେ,
"ବୃଥା ଗର୍ବ ଏତେ ନ କର ହେ ହେଲେ ।
ଯେତେ ବେଶି ଲୁଅ ହେବ ଏ ସ୍ଥାନରେ,
ତେତେ ବେଶି କଷ୍ଟ ହେବ ତୋ ମନରେ ।
ସ୍ୱାଧୀନେ ଉଡ଼ିବେ ଅମ୍ଭ ତୁମ୍ଭମାନେ,
ଦେଖି ଝୁରୁଥିବୁ ରହି ବଦ୍ଧସ୍ଥାନେ ।



କୁକ୍କୁରମାନଙ୍କ ନିର୍ବୋଧତା ।



କ୍ଷୁଧାରେ ବିଶେଷ ଆତୁର
ହୋଇଲେ କେତେକ କୁକ୍କୁର ।
ଖାଦ୍ୟ ଖୋଜନ୍ତି ଇତସ୍ତତଃ,
ନ ପାଇ ହେଲେ ଅତି ବ୍ୟସ୍ତ ।
ଦେଖିଲେ ନଦୀକୂଳେ ରହି,
ଗୋଚର୍ମ ନଦୀରେ ଭାସଇ ।
ଯାଇ ନ ପାରି ସେ ସ୍ରୋତରେ,
ପିଇଲେ ପାଣି ତରଙ୍ଗରେ ।
ଏରୂପେ ପାଣି ଶୁଖାଇବେ,
ଗୋଚର୍ମ ନେବେ ଯେ ପାଇବେ ।
ଏହା ଚିନ୍ତିଲା ଶ୍ୱାନେ ସେତେ,
ପିଇଲେ ମଲେ ସେ ସମସ୍ତେ ।

ଚମଡ଼ା ଯାଇବା ଆଗରୁ,
ପେଟ ଫାଟିଲା ହୋଇ ଗରୁ !
ବାଳକେ ଶୁଣ ମୋ ବଚନ,
ଅଳ୍ପେତେ ନ ବଳାଅ ମନ ।



ସତୀ ଓ ଭ୍ରମଣକାରୀ ।

ପର୍ଯ୍ୟଟକ (୧) କେହି ଭ୍ରମି ଜଗତ,
ଘନ ବନେ ହେଲା ସେ ଉପଗତ ।
ଦେଖିଲା ସେ ସ୍ଥାନେ ଏକ ଯୁବତୀ,
ବୟସରେ ରହେ ସୁନ୍ଦରୀ ଅତି ।
"କିଏ ଗୋ ତୁ ମାତଃ", ପୁଚ୍ଛିଁ ସେ ବାଣୀ,
"ସତ୍ୟବତୀ ନୁହିଁ" ଭାଷେ ରମଣୀ ।
"ଭ୍ରମି ଦେଖିଲି ମୁଁ ଏହି ସଂସାର,
ଅସଂଖ୍ୟ ଜନଙ୍କ ଯେ କାରବାର ।
କେତେ ପଲ୍ଲୀଗ୍ରାମ ନଗର କେତେ,
ଜଳସ୍ଥେ ପୁଣି ଭ୍ରମିଲି ଯେତେ ।
ନ ଦେଖିଲି କାହିଁ ମାତଃ ଗୋ ତତେ,
ବନେ ଏକାକିନୀ ଅଛୁ କି ମତେ ?

---

୧ ପର୍ଯ୍ୟଟକ—ଭ୍ରମଣକାରୀ ।

ପର୍ଯ୍ୟଟକ ମୁଖୁଁ ଏ ପ୍ରଶ୍ନ ଶୁଣି,
ଉତ୍ତରିଲେ ଧୀରେ ସେହି ତରୁଣୀ ।
"ମୋର ସପତ୍ନୀ ଯେ ମିଥ୍ୟାବାଦୀ,
ପୂର୍ବରେ ନ ଥିଲା ତା ପ୍ରତିପତ୍ତି(୧) ।
ଏବେ ଶୁଣୁଥିବୁ କହୁଛୁ ମୁଖେ,
ରାଜପଣ କରେ ସର୍ବାନ୍ତ ସୁଖେ ।
ତାକୁ ଡର ମୁହିଁ ବନେ ଅଇଲି,
ଏହି ରାଇଜରେ ସୁଖେ ରହିଲି ।"



ନରହତ୍ୟାକାରୀ ।

ଜଣେ ପାପ-ଆତ୍ମା ନର ଏକ ମାରି,
ପଳାଏ ଗୋଡ଼ାନ୍ତେ ରାଜକର୍ମଚାରୀ ।
ବୈତରଣୀକୂଳସ୍ଥିତ ଘୋର ବନେ,
ମହାବଳ ବ୍ୟାଘ୍ର ଦେଖି ଭୟ ମନେ;
ଅତି ଉଚ୍ଚ ବୃକ୍ଷ ଉପରେ ଚଢ଼ିଲା,
କାଳ ଭୁଜଙ୍ଗମ ଅଗ୍ରଭାଗେ ଥିଲା ।
ବିଷଧର ଦେଖି ଭୟ ଆତୁରରେ,
ଡେଇଁ ପଡ଼ିଲା ସେହୁଁ ବୈତରଣୀ ଜଳେ ।
ପଡ଼ିବା ସ୍ଥାନରେ ନକ୍ର ଏକ ଥିଲା,
ଆନନ୍ଦେ ତାହାକୁ ଆକ୍ରମି ଗିଳିଲା ।


---

୧ ପ୍ରତିପତ୍ତି—ସମ୍ମାନ, ସୁଖ୍ୟାତ ।


ଜଳ, ସ୍ଥଳ ଅବା ଆକାଶମଣ୍ଡଳ,
କେହି ନ ଶୁଣିଲେ ତାହାର ବଚନ ।
ନରହତ୍ୟାକାରୀ ପାଏ ଏହି ଶାସ୍ତି,
ଅନ୍ତର୍ଯାମୀ ନାମେ ଅଛେ ତାର ଖ୍ୟାତି ।



ଟାଙ୍ଗରା ସୈନିକ ପୁରୁଷ ।



ଦିନେ କେତେ ଅଶ୍ୱାରୋହୀ ଗଲେ ଶିକାରକୁ,
ଦୌଡ଼ାନ୍ତ ହରିଣ ଦେଖି ଚଲାଇ ଅଶ୍ୱକୁ ।
ଯାଉଁ ବନେ ବହିଲା ଯେ ଦମକା ପବନ,
ଜଣକର ପରଚୁଲା (୧) ଖସିଲା ତକ୍ଷଣ ।
ଟାଙ୍ଗରା ମୁଣ୍ଡଟି ତାର ଦେଖି ସଙ୍ଗୀମାନେ,
ଉଚ୍ଚସ୍ୱରେ ହାସ୍ୟ କଲେ, ତହୁଁ ଅପମାନେ ।
ଅପଦସ୍ଥ ହୋଇ କହେ ଡାକ କ୍ରୋଧଭରେ,
"ନ ବୁଝି ମୂର୍ଖଙ୍କ ପରି କାହିଁଇ ହସରେ ?
ଯାହାଠାରୁ ଜାତ ସେ ତ ତାହାର ନୋହିଲା,
କି ଆଶ୍ଚର୍ଯ୍ୟ କଥା ଏହା ମୋ ମୁଣ୍ଡୁଁ ଖସିଲା ?"
ନିଜ ଲୋକ ଛାଡ଼ି ଯେବେ ଅନ୍ୟଠାକୁ ଯିବ ।
ବିଜନ ଲୋକ ସେ, ତାର ବିଶ୍ୱାସେ ନ ଥିବ ।



୧ ପରଚୁଲା—କୃତ୍ରିମ କେଶ ।

ସୁଖ ଓ ଦୁଃଖ ।

ପୃଥ୍ୱୀ ଅଦ୍ୟଦେବଲେ ଦୁଃଖ, ସୁଖମେଳେ
ଜଗେ ପ୍ରବେଶ କରବେ,
ଜନ ସମାଜରେ ପ୍ରଫୁଲ୍ଲ ଅନ୍ତରେ
ବିଜୟନ୍ତି କଲ୍ଲ ସଦମ୍ଭେ ।
ଦୁଃଖ ବଂଶଧର ବଢି ନିରନ୍ତର
କୁଟୁମ୍ବେ ନରେ ଭୁଞ୍ଜଇ,
ସୁଖକୁ ତଡ଼ିଲା ଠୁଳେ ନ ରଖିଲା
ସୁଖ ସ୍ୱର୍ଗେ କହେ ଯାଇ ।
"ଶରଣ ତୁମ୍ଭର ପ୍ରଭୋ ! ରକ୍ଷା କର
ଦୁଃଖ ତଡ଼ି ଦେଲା ଖରେ,
ଇନ୍ଦ୍ରଜାଲ ଫାନ୍ଦ ଲୋକ ରଖେ ବାନ୍ଧି
ଅମ୍ଭଙ୍କୁ ନାଦର ନରେ ।
ସମତାବିହୀନ ସଙ୍ଗକୁ ଲଭିଣ
ରହି ନ ପାରନ୍ତି ଠୁଳେ,
କ୍ଷୀର-ନୀର ପ୍ରୀତି ଘ ଟଇ ଝଟତି
ଘଟେ କି ସର୍ପ-ନକୁଳେ ?
କରୁନ୍ତିଁ ଦମ୍ଭିଣୀ ଅତରେ ଆଇନ
ଏବେ ଜାରୀ କରିବାକୁ,
ଦୁଃଖ ଯହିଁ ଥିବ ସୁଖ ସେ ନ ଯିବ
ସୁଖେ ଦୁଃଖ ନ ହେବାକୁ ।"

ସୁର-ଗଣ ଶୁଣି   ଦଣ୍ଡେ ହୋଇ ତୁନି
ବୋଲନ୍ତି ବାଣୀ ସୁଝକୁ,
"ଦୁଃଖ ଅକଠାରୁ   ମହୀମଣ୍ଡଳରୁ
ନ ଅସିବ ଏ ଧାମକୁ ।
ହୋଇ ଦଳ ଦଳ   କେତେ କୌଶଳ
ଅନିଚ୍ଛା ସତ୍ତ୍ୱେ ଲୋକର,
ମର୍ତ୍ତ୍ୟପୁରେ ଥିବ   ସ୍ୱର୍ଗେ ନ ଆସିବ,
ଏ ଅଭିଶାପ ଆମ୍ଭର,
ତୁମ୍ଭେ ମୋହଠାରେ   ଭବସିନ୍ଧୁ ପାରେ
ଆନନ୍ଦରେ ବସିଥିବ,
ଯଦି କେହି ଆର୍ଯ୍ୟ   ସାଧିବ ସୁକାର୍ଯ୍ୟ
ତେବେ ଏକେ ଏକେ ଯିବ ।"
ସେହି ଦିନୁ ଜାଣ   ହୋଇଛି ପ୍ରମାଣ,
ଦୁଃଖ ପଲ ପଲ ହୋଇ,
ଅସନ୍ତି ଇଚ୍ଛାରେ   ସୁଖ ଅଖୋଜାରେ
ନ ଅସେ ଆଗୁଆ ହୋଇ ।

ପୀଡ଼ିତ ଚିଲ ।



ଚିଲାଟିଏ ରୋଗେ ହୋଇ ମୃତପ୍ରାୟ,
କାନ୍ଦେ ତା ମା ଛଡ଼ି ସକଳ ଉପାୟ ।
ଚିଲ ଦେଖି କହେ, "ନ କାନ୍ଦ ଗୋ ମାତଃ !
କାନ୍ଦିଲେ କି ସ୍ୱାସ୍ଥ୍ୟ ହେବି ମୁଁ ପ୍ରାପତ ?
ମୋର ଜୀବନରେ ଯେବେ ଆଶା ତବ,
ନ ଡାକ କିପାଇଁ ଗୋବିନ୍ଦ ମାଧବ ?
ପ୍ରତ୍ୟକ୍ଷଦେବେ ମୋର ଦୁଃଖକୁ ଜଣାଇଁ,
ଶରଣ ପଶ ଯା ବେଗେ ତାଙ୍କ ଠାଇଁ ।
ଏ କଠିଣ ମୋର ସେହି ନିବାରିବେ,
ସେହୁ କରୁଣ ମୋତେ ରଖିଥିବେ ।"
ବିକଳେ ଜନନୀ କହେ "ଅରେ ବାପ !
କେଉଁ ଦେବତାଠୁଁ ନ ପାଇଛୁ ଶାପ ।
କେଉଁ ଦେବତାର ଯଜ୍ଞ-ବେଦିକାରୁ (୧)
ହାଣି ନ ଆଣିଛୁ ଗବ୍ୟ(୨) ହବ୍ୟ-ଚରୁ(୩) ।

---

୧ ଯଜ୍ଞ-ବେଦିକା—ହୋମାଦି କରିବା ନିମନ୍ତେ ଯେଉଁ ମଞ୍ଚ କରାଯାଇଥାଏ ।

୨ ଗବ୍ୟ—ଦୁଗ୍ଧ ଘୃତାଦି ।


୩ ହବ୍ୟ-ଚରୁ—ଯଜ୍ଞୀୟ ପାୟସାନ୍ନ ।

କେଉଁ ଦେବତା ବା ନ ହୋଇଛନ୍ତି ରୁଷ୍ଟ ?
କପରି ତାହାଙ୍କୁ କରିବ ସନ୍ତୁଷ୍ଟ ?
ଭକ୍ତିଭରେ ତାଙ୍କ ସେବା କରିଥାନ୍ତୁ,
ନିଶ୍ଚୟ ଏ ଜନ୍ମୁଁ ମୁକତି ପାଆନ୍ତୁ ।"
ବିପଦେ ସାହାଯ୍ୟ ପାଇବା ସକାଶେ,
ସମ୍ପଦେ ବାନ୍ଧବ ଜନେ ସ୍ନେହପାଶେ ।



Printed by V. Kar. The U. S. Press, Cuttack.

ଶୁଦ୍ଧିପତ୍ର ।



ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ ।
ମୁଖବନ୍ଧ	୨୩	ତାହାଙ୍କ	ସେମାନଙ୍କ
ସୂଚୀ	୧୯	କଇଁଚ	କଇଁଛ
ସୂଚୀ	୩୭	ଗଦ୍ଧଭ	ଗଦ୍ଧ ଭ
୩	୧୩	ସଦପେ	ସଦର୍ପେ
୪	୫	ସମୁଖେ	ସମ୍ମୁଖେ
୭	୮	ନେଉଳର	ନେଉଳ
୭	୧୪	କଅ	କଅଁ
୬	୧୫	ଖୋଜୁ ଖୋଜୁ	ଖୋଜୁଁ ଖୋଜୁଁ
୮	୧୩	ନୁଆଇଣ	ନୁଆଇଁଣ
୧୧	୬	ଅବଗ୍ରର	ଅବଗ୍ରସ୍ତ
୧୨	୯	ବଧତା	ବଧାତା
୧୨	୧୧	କୋଡ଼େ	କେଡ଼େ
୧୪	୮	ଯତଭଟରେ	ଯନୃଭରେ
୨୪	୪	ସମୂଦ୍ଧ	ସମୃଦ୍ଧ
୨୪	୭	ପଉଁ	ପିଉଁ
୩୩	୪	ଦୋଷୁ	ଦୋଷୁଁ
୩୫	୧୫	ଅସ	ଅସି
୩୫	୧୮	ତରେ	ତରେଁ
୩୫	୨୦	ଅବଷ୍ଣାସୀ	ଅବଶ୍ୱାସୀ
୩୭	୧୭	ତହୁ	ତହୁଁ
୩୭	୮	ଶିଙ୍ଗରେରେ	ଶିଙ୍ଗରେ
୩୯	୨	ଢରଢୀର୍ଣ୍ଣ	ଜରଜୀର୍ଣ୍ଣ
୪୨	୯	ହେବୁ	ହେବୁଁ

ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ ।
୪୫	୯	ଗଦ୍ଧଭ	ଗର୍ଦ୍ଧଭ
୪୭	୮	ଅନ୍ୟଷ୍ଟର	ଅନ୍ୟଷ୍ଟିର
୪୭	୧୭	ଖଣ୍ଟେ	ଖୁଣ୍ଟେ
୪୭	୧୭	ଶୁକକେଶ	ଶୁକ୍ଳକେଶ
୪୯	୧	ଝାମ୍ପି	ଝାମ୍ପେ
୪୯	୪	ଯନ୍ତୁଁ	ଯନ୍ତୁଁ
୫୦	୩	ତେତେ	ତୋତେ
୫୨	୧୪	ସବଗ୍ରରେ	ଶବଗ୍ରରେ
୫୪	୧୭	ସ୍ପିକାର	ଶିକାର
୬୦	୨	ହାସ୍ୟପ୍ରଦ	ହାସ୍ୟାସ୍ପଦ
୬୨	୨	ବାଲ୍ୟଖଞ୍ଜା	ବାଲ୍ୟଖଞ୍ଜ ..
୬୩	୧୧	ଗୁପୁତେ	ଗୁପତେ
୬୪	୪	ମିଚ୍ଛ	ମିର୍ଚ୍ଛ
୬୭	୮	କେବେ	କେବେଁ
୬୭	୧୬	ଅପକ ଗୋଧମ	ଅପକ୍ୱ ଗୋଧୂମ
୬୮	୨୩	ଚଞ୍ଜଳ	ଚଞ୍ଚଳ
୭୧	୧	ସଂହ	ସିଂହ
୭୨	୨	କେତେ କୁକୁର	କେତେକ କୁକୁର
୭୭	୫	ଭମଣକାଶ	ଭ୍ରମଣକାଶ
୭୭	୧୦	ବପସ୍ପୃଟର	ବପ୍ରସ୍ପୃଟର

